


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୨ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 July 2026

Vol.No. 36 ■ No.182 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ବୁଡ଼ିଗଲା ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ସ୍ପିଡ୍ ବୋଟ: ୧୫ ଭାରତୀୟ ମୃତ





ନୂଆଦିଲ୍ଲୀ,୧୧/୭ : ଭିଏତନାମରେ ବଡ଼ ଅଘଟଣ। ୩୨ ଜଣ ଭାରତୀୟ ପର୍ଯ୍ୟଟକ ଓ ୪ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଗୋଟିଏ ସ୍ପିଡ ବୋଟ ଫୁ କ୍ୱୋକ୍ ଦ୍ୱୀପପରେ ବୁଡ଼ି ଯାଇଛି। ଏଥିରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ନିଖୋଜ ହୋଇ ଯାଇଛନ୍ତି। ଉଦ୍ଧାରକାରୀ ଟିମ ସମୁଦ୍ରରେ ନିଖୋଜ ଲୋକଙ୍କୁ ଖୋଜୁ ଥିବା ବେଳେ ଦୁର୍ଘଟଣାର ଯାଞ୍ଚ ମଧ ଆରମ୍ଭ ହୋଇଛି। ଭିଏତନାମରେ ଅବସ୍ଥାପିତ ଭାରତୀୟ ଦୂତାବାସ ଘଟଣା ଉପରେ ନଜର ରଖିଛି ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଯୋଗାଯୋଗରେ ରହିଥିବା କହିଛି। ଦୂତାବାସ ପକ୍ଷରୁ ଏକ୍ସରେ କୁହାଯାଇଛି ଯେ "ଗୋଟିଏ ଦୁଃଖଦ ଘଟଣାକ୍ରମେ କିଛି ଘଣ୍ଟା ପୂର୍ବରୁ ଭିଏତନାମର ଫୁ କ୍ୱୋକ୍ ଦ୍ୱୀପ ନିକଟରେ ଅନେକ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ସ୍ପିଡ ବୋଟ୍ ବୁଡ଼ି ଯାଇଛି। ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏବେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଘଟଣାର ପ୍ରକୃତ କାରଣ ଖୋଜା ଚାଲିଛି।" ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ପାଇଁ ହୋ ଚି ମିନ୍ ସିଟିରେ ଗୋଟିଏ କଣ୍ଟ୍ରୋଲ ରୁମ ପ୍ରତିଷ୍ଠା କରାଯାଇଥିବା ମଧ ଦୂତାବାସ କହିଛି। ଦୂତାବାସ ପକ୍ଷରୁ କିଛି ହେଲ୍ପଲାଇନ ନମ୍ବର ମଧ ଜାରି କରାଯାଇଛି। ହୋ ଚି ମିନ୍ ସିଟି କଣ୍ଟ୍ରୋଲ୍ ରୁମ୍: +୮୪ ୩୬ ୨୮୧ ୭୯୩୦, +୮୪ ୯୧ ୫୫୨ ୩୭ ୧୪ ଓ +୮୪ ୩୩ ୪୫୨ ୦୪୧୪ ଏବଂ ହାନୋଇ କଣ୍ଟ୍ରୋଲ୍ ରୁମ୍: +୮୪ ୯୧ ୩୦୮ ୯୧୬୫କୁ ଫୋନ କରି ଲୋକମାନେ ନିଜର ପ୍ରିୟଜନଙ୍କ ସମ୍ପର୍କରେ ଜାଣିପାରିବେ। ମିଳିଥିବା ଖବର ଅନୁସାରେ, ଡଙ୍ଗାଟି ଦ୍ରୁତଗତିରେ ଯାଉଥିବା

◆◆ପୃଷ୍ଠା ୭

# ଇସ୍ତଫା ଦେଲେ ଆଉଜଣେ ଆଇପିଏସ୍: ଜଗମୋହନଙ୍କ ପରେ ସି.ଏ ରାମଦାସ



ଭୁବନେଶ୍ୱର, ୧୧/୭ (ନି.ପ୍ର): କଥାରେ ଅଛି ମାଛ ଖାଇବ ଇଲିସି, ଚାକିରି କରିବ ପୁଲିସି । ହେଲେ ଏବେ ଦେଖିବାକୁ ମିଳୁଛି ଓଲଟା ଟ୍ରେଣ୍ଡ୍ । ଜଣଙ୍କ ପରେ ଜଣେ ଆଇପିଏସ୍ ଅଧିକାରୀ ଲୋଭନୀୟ ପୁଲିସ ଚାକିରି ଛାଡୁଥିବା ଦେଖିବାକୁ ମିଳୁଛି । ବ୍ୟକ୍ତିଗତ କାରଣ ଦର୍ଶାଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ପରେ, ଆଉ ଜଣେ ଯୁବ ଆଇପିଏସ୍ ଅଧିକାରୀ ସି.ଏ. ରାମଦାସ ବି ସରକାରଙ୍କୁ ପଠାଇଛନ୍ତି ଇସ୍ତଫାପତ୍ର । ଏହାପରେ ପୁଲିସ ଉପରେ ଅସହ୍ୟ ଚାପ ଚର୍ଚ୍ଚା ପୁଣି ତେଜିଛି । ପୁଲିସ ଚାକିରିରେ ମାତ୍ରାଧିକ ଚାପ ରହୁଥିବା ଚର୍ଚ୍ଚାକୁ ମିଳିଛି ନୂଆ ଖୋରାକ୍ । କିଛି ଦିନ ତଳେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଇସ୍ତଫା ଦେଇଥିବା ବେଳେ, ଏବେ ଚାକିରି ଛାଡ଼ିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ଆଉ ଜଣେ ଆଇପିଏସ୍ । ତା ପୁଣି କ୍ୟାରିୟର ଆରମ୍ଭ କରୁ କରୁ । ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇପିଏସ୍ ପ୍ରୋବେସନର୍ ସି.ଏ. ରାମଦାସ ସରକାରଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଛନ୍ତି । ଏହି ୩୩ ବର୍ଷୀୟ ଯୁବ ଆଇପିଏସ୍ ଏବେ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକାଡେମିରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ନେଉଛନ୍ତି । ମୂଳତଃ ମହାରାଷ୍ଟ୍ରର ଏହି ଅଧିକାରୀଙ୍କୁ ନିକଟରେ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଥିଲା । ତେବେ ଚାକିରିରେ ଯୋଗ ଦେବା ପୂର୍ବରୁ, ପ୍ରକୃତ ଚାପକୁ ସାମ୍ନା କରିବା ଆଗରୁ, ଅଚାନକ ଇସ୍ତଫା ଦେବାର କାରଣ କ'ଣ ? ତାହା ସ୍ପଷ୍ଟ ହୋଇନାହିଁ ।

◆◆ପୃଷ୍ଠା ୭

# ପୁଣି ଘାରିଲାଣି ଲଘୁଚାପ ଭୟ: ୧୦ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା



ଭୁବନେଶ୍ୱର, ୧୧/୭ (ନି.ପ୍ର): ଚଳିତ ବର୍ଷା ଋତୁରେ ୪ ଜିଲ୍ଲାକୁ ବାଦ ଦେଲେ ରାଜ୍ୟରେ ସବୁ ଜିଲ୍ଲାରେ ସାଧାରଣ ଅବା ତାଠୁ ଅଧିକ ବର୍ଷା ରେକର୍ଡ କରାଯାଇଛି। କିନ୍ତୁ ଏବେ ଲଗାଣ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବାଧପ୍ରାପ୍ତ ହୋଇଛି। କିଛି ଦିନ ପରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଆଗାମୀ ୧୦ ଦିନ ବର୍ଷାରୁ ନିସ୍ତାର ନାହିଁ। ଲଗାଣ ବର୍ଷା ଭିତରେ ପୁଣି ଲଘୁଚାପ ଭୟ। ୧୫ ତାରିଖ ସୁଦ୍ଧା ଉତ୍ତର ବଂଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ। ପାଣିପାଗ ବିଜ୍ଞାନୀଙ୍କ ଆକଳନ ମୁତାବକ, ଆସନ୍ତା ୧୦ ଦିନ ଅର୍ଥାତ ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଆସନ୍ତାକାଲି ସାଢ଼େ ୮ଟା ପର୍ଯ୍ୟନ୍ତ ୧୮ ଜିଲ୍ଲାକୁ ବର୍ଷା ଓ ବିଜୁଳି ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଲଘୁଚାପ ପ୍ରଭାବରେ ୧୩ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବିଜୁଳି ନେଇ ସୋମବାର ୨୦ ଜିଲ୍ଲା ଏବଂ ମଙ୍ଗଳବାର ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

◆◆ପୃଷ୍ଠା ୭

# ଭିଜିଲାନ୍ସକୁ ଦେଖି ବାଇକ୍‌ରେ ଟଙ୍କା ନେଇ ଫେରାର ହୋଇଗଲେ ଏଏସଆଇ

ଭୁବନେଶ୍ୱର, ୧୧/୭ (ନି.ପ୍ର): ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀ ଲାଂଚ ଦାବି ଓ ଗ୍ରହଣ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରିଛି । ଭିଜିଲାନ୍ସ ଟିମ୍‌କୁ ଦେଖି ଲାଂଚ ଟଙ୍କା ସହ ଫେରାର ହୋଇଯାଇଛନ୍ତି ଏଏସଆଇ । ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀଙ୍କ ବିରୋଧରେ ଜମି ବିବାଦ ସମ୍ପର୍କିତ ଏକ ମାମଲାର ଆପୋଷ ସମାଧାନ ପରେ ମାମଲାକୁ ଥାନା ସ୍ତରରେ ଫଇସଲା କରିବା ପାଇଁ ୫,୦୦୦ ଟଙ୍କା ଲାଂଚ ଦାବି ଓ ଗ୍ରହଣ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

◆◆ପୃଷ୍ଠା ୭

# ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବଡ଼ ଘୋଷଣା: କେଜିରୁ ପିଜି ନାମଲେଖା ପାଇଁ ଖୁବଶୀଘ୍ର ଆସିବ ସ୍ୱତନ୍ତ୍ର ମାର୍ଗଦର୍ଶିକା



ଭୁବନେଶ୍ୱର, ୧୧/୭ (ନି.ପ୍ର): ଦୂର ହେବ କେଜି ରୁ ପିଜି ନାମଲେଖା ପାଇଁ ଦ୍ୱନ୍ଦ୍ୱ। ଏନେଇ ଖୁବଶୀଘ୍ର ଆସିବ ସ୍ୱତନ୍ତ୍ର ଗାଇଡଲାଇନ। ଗତକାଲି ଗଣଶିକ୍ଷା ସଚିବଙ୍କ ଚିଠି ପରେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ମଧ ଏନେଇ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ଆଗୁଆ ପଇସା ଦେଇ ଆଡମିଶନ କରିଛନ୍ତି ସେମାନଙ୍କୁ ପଇସା ଫେରସ୍ତ ହେବ। ନାମଲେଖା ଫି ଛାଡ଼ ହେବ। ତେବେ ପରବର୍ତ୍ତୀ ସମୟରେ ଶିକ୍ଷାନୁଷ୍ଠାନଗୁଡିକ ଅନ୍ୟ କୌଣସି ବାବଦରେ ଯେପରି କିଛି ଫି ଆଦାୟ ନ କରନ୍ତି ସେନେଇ ଗାଇଡ଼ଲାଇନ ରେ ସ୍ପଷ୍ଟ କରିବା ଜରୁରୀ ବୋଲି କହିଛନ୍ତି ଶିକ୍ଷାବିତ। କେଜି ରୁ ପିଜି ନାମଲେଖା ଫି ଦ୍ୱନ୍ଦ୍ୱ ଦୂର ପାଇଁ ଖୁବଶୀଘ୍ର ଆସିବ ସ୍ୱତନ୍ତ୍ର ଗାଇଡଲାଇନ। ଏନେଇ ଶୁକ୍ରବାର ଉଚ୍ଚ ମାଧମିକ ଏବଂ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ସ୍ପଷ୍ଟ କରିଥିଲେ ଗଣଶିକ୍ଷା ସଚିବ। ଯୋଜନା ଅଧୀନରେ ଆସୁଥିବା କୌଣସି ବି ସରକାରୀ ବା ଯୋଗ୍ୟ ଶିକ୍ଷାନୁଷ୍ଠାନରେ ନାମଲେଖା ସମୟରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ପ୍ରକାରର ଫି ଆଦାୟ କରାଯିବନି ବୋଲି ସ୍ପଷ୍ଟ କରାଯାଇଛି। ସେପଟେ ଉଚ୍ଚଶିକ୍ଷାରେ ନାମଲେଖା ପାଇଁ ବିଶ୍ୱବିଦ୍ୟାଳୟ, କଲେଜ, ଅଣଅନୁଦାନପ୍ରାପ୍ତ କଲେଜଗୁଡ଼ିକ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ଆସିବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ। କଲେଜର ସମସ୍ତ ଅର୍ଥ ପିଲାଙ୍କ ଠାରୁ ଆଦାୟ ନ ହୋଇ ସରକାର ଭରଣା କରିବେ। ରି-ଆଡମିସନ୍ ଫି' ମଧ ଛାଡ଼ ହେବ। ଯେଉଁମାନେ ଆଗୁଆ ପଇସା ଦେଇ ଆଡମିସନ୍ କରିଛନ୍ତି ତାଙ୍କ ପଇସା ଫେରସ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସରକାରଙ୍କ ସ୍ପଷ୍ଟୀକରଣକୁ ସ୍ୱାଗତ କରିଛନ୍ତି ଶିକ୍ଷାବିତ ଓ ଅଭିଭାବକ।

◆◆ପୃଷ୍ଠା ୭

# କଟକ ବିଜେଡି ରାଜନୀତିରେ ବଡ଼ ହଲଚଲ: ପଦ୍ମ ଧରିପାରନ୍ତି ପ୍ରଭାତ ବିଶ୍ୱାଳ


କଟକ, ୧୧/୭ (ନି.ପ୍ର): କଟକ ବିଜେଡିକୁ ଶନିଦଶା । ଦିନେ ବିଜେଡିର ଅଭେଦ୍ୟଦୁର୍ଗ ଥିଲା। ହେଲେ ଆଜି ସେହି କଟକ ବିଜେଡିରେ ବଡ଼ ଗଡ଼ବଡ଼ । ଧାଡ଼ିଧାଡ଼ି କରି ନେତା ବିଜେଡ଼ିକୁ ବାଏ ବାଏ କରି ବିଜେପି ମୁହାଁ ହେଉଛନ୍ତି । ଆସନ୍ତାକାଲି ପଦ୍ମ ଧରିବେ ପ୍ରଭାତ ବିଶ୍ୱାଳ । ଭର୍ତ୍ତୃହରି ମହତାବ, ଦେବାଶିଷ ସାମନ୍ତରାୟଙ୍କ ପରେ ଏବେ ପ୍ରଭାତ ବିଶ୍ୱାଳ ।

◆◆ପୃଷ୍ଠା ୭

# ସିସିଟିଭି କ୍ୟାମେରା ନଜରରେ ରହିବ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା: ଡିଜିପି

ଭୁବନେଶ୍ୱର, ୧୧/୭ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ପରୀ ରଥଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ରଥଯାତ୍ରାକୁ ତ୍ରୁଟିଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା କରିବାକୁ ଆଜି ପୂର୍ବାହ୍ନରେ ପୁରୀସ୍ଥିତ ଟାଉନ୍‌ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଛନ୍ତି।

# ବିଶ୍ୱ ମାନଚିତ୍ରରୁ ଇରାନକୁ ହଜାଇଦେବୁ: ଟ୍ରମ୍ପ



ନୂଆଦିଲ୍ଲୀ,୧୧/୭ : ମଧ୍ୟପ୍ରାଚ୍ୟରେ ଏବେ ଯୁଦ୍ଧର ନିଆଁ। ଆମେରିକା ଏବଂ ଇରାନ ମଧ୍ୟରେ ଟେନସନ ଚରମ ସୀମାରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପୁଣି ଦେଇଛନ୍ତି ସବୁଠାରୁ ବଡ଼ ଚେତାବନୀ। କହିଛନ୍ତି, ଯଦି ଇରାନ ଆମେରିକା ଉପରେ ଆକ୍ରମଣ କରେ, ତେବେ ତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବ। ଅନ୍ୟପଟେ ଇସ୍ରାଏଲରୁ ନିଜର ସୁପରସୋନିକ ଫାଇଟର ଜେଟ୍ ଫେରାଇ ନେଉଛି ଆମେରିକା। ମଧ୍ୟପ୍ରାଚ୍ୟରେ ଘନଉଛି ଯୁଦ୍ଧ । ଇରାନକୁ ସମ୍ପୂର୍ଣ୍ଣ ବରବାଦ କରିବାକୁ ହୁଏତ ଆଉ ପଛଘୁଂଚା ଦେବେନି ଆମେରିକା ରାଷ୍ଟ୍ରପତି । ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଟ୍ରମ୍ପ ଲେଖିଛନ୍ତି ଯେ, ଯଦି ଇରାନ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରେ, ତେବେ ଆମେରିକା ଏଭଳି ପାଲଟା ଆକ୍ରମଣ କରିବ, ଯାହା ଇତିହାସ କେବେ ଦେଖିନଥିବ। ସବୁଠୁ ବଡ କଥା ହେଉଛି ଇରାନ ଆଡ଼କୁ ଆମେରିକାର ଏକ ହଜାରରୁ ଅଧିକ ମିସାଇଲ୍ ଏବେ ଟାର୍ଗେଟ୍ କରି ରହିଛି। ଏହା ଭିତରେ ଇସ୍ରାଏଲର ଓଭଦା ଏୟାରବେସରୁ ଆମେରିକା ନିଜର ୧୨ଟି ଅତ୍ୟାଧୁନିକ ଏଫ୍-୨୨ ଷ୍ଟେଲଥ ଫାଇଟର ଜେଟକୁ ଫେରାଇ ନେବା ଆରମ୍ଭ କରିଛି। କୁହାଯାଉଛି, ଇରାନ ବିପକ୍ଷରେ କୌଣସି ବଡ଼ ସେନା ଅଭିଯାନ ପାଇଁ ଆମେରିକା ଏହି ରଣନୀତି ପ୍ରସ୍ତୁତ କରୁଛି। ଅନ୍ୟପଟେ ଇରାନ ମଧ ପଛକୁ ହଟିବାକୁ ପ୍ରସ୍ତୁତ ନାହିଁ। ଇରାନର ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ କହିଛି, ଯଦି ଇରାନର ପ୍ରମୁଖ ସ୍ଥାନ ଉପରେ ପୁଣି ଆକ୍ରମଣ ହୁଏ, ତେବେ କଡ଼ା ଜବାବ ଦିଆଯିବ। ସେପଟେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହେଲେ ସାରା ବିଶ୍ୱରେ ଅଶୋଧିତ ତୈଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ କରିଛି ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି। ତେବେ ଯୁଦ୍ଧର ଆଶଙ୍କା ଭିତରେ

◆◆ପୃଷ୍ଠା ୭

# ପାଠ୍ୟପୁସ୍ତକ ତ୍ରୁଟି: କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧/୭ (ନି.ପ୍ର): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସାରା ଦେଶରେ ଓଡ଼ିଶା ବଦନାମ ମୁଣ୍ଡାଇଥିଲା। ଆଜି ଏହି ଘଟଣାରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ ବିବୃତିରେ କୁହାଯାଇଛି ଯେ ପାଠ୍ୟ ପୁସ୍ତକ ତ୍ରୁଟିର ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ ହେବ। ଏଥିପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଞ୍ଚ ଏସପିଙ୍କ

◆◆ପୃଷ୍ଠା ୭

# ଗାଜିଆବାଦରେ ୭ ବର୍ଷର ଝିଅକୁ ଦୁଷ୍କର୍ମ ପରେ ହତ୍ୟା: ନିର୍ମାଣାଧୀନ ମଲ୍‌ର ବେସ୍‌ମେଣ୍ଟରୁ ମିଳିଲା ମୃତଦେହ

ନୂଆଦିଲ୍ଲୀ,୧୧/୭ : ଉତ୍ତରପ୍ରଦେଶର ଗାଜିଆବାଦରେ ଜଣେ ୭ ବର୍ଷର ଝିଅକୁ ଅପହରଣ ପରେ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ରାତି ୧ଟା ସମୟରେ ଗାଜିଆବାଦର ରାଜନଗର ଏକ୍ସଟେନସନରେ ଏକ ନିର୍ମାଣାଧୀନ ମଲର ବେସମେଣ୍ଟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଶିଶୁର ବାପାମା' ବିହାରର ପ୍ରବାସୀ ଶ୍ରମିକ। ଗତ କିଛି ବର୍ଷ ହେଲା ସେମାନେ ନିର୍ମାଣସ୍ଥଳ ନିକଟରେ ରହି ଆସୁଥିଲେ। ଶିଶୁଟି ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲା। ପୁଲିସ ସୂଚନା ଅନୁଯାୟୀ, ମୃତଦେହ ମିଳିବା ନେଇ ସେମାନଙ୍କୁ ରାତି ୧ଟାବେଳେ ଖବର ମିଳିଥିଲା। ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, ଶିଶୁଟିକୁ କେହି ଚିପ୍ସ, ସ୍ନାକ୍ସ କିମ୍ବା କୋଲ୍ଡ ଡ୍ରିଙ୍କର ଲୋଭ ଦେଖାଇ ନିର୍ଜନ କୋଠାକୁ ନେଇଯାଇଥିଲା। ସେଠାରେ ଦୁଇଜଣ ଲୋକ ଝିଅଟିକୁ ଦୁଷ୍କର୍ମ କରିବା ପରେ ହତ୍ୟା କରି ବେସ୍‌ମେଣ୍ଟକୁ ଫିଙ୍ଗି ଦେଇପାରିଥାନ୍ତି ବୋଲି ସନ୍ଦେହ କରାଯାଉଛି। ଶିଶୁଟିର ବାପା କହିଛନ୍ତି, ତାଙ୍କ ଝିଅର ମୃତଦେହରେ ପୋଷାକ ନଥିବାବେଳେ ମୁଣ୍ଡ ଓ ମୁହଁରୁ ରକ୍ତ ବାହାରୁଥିଲା। ତେବେ ପୁଲିସ ପ୍ରାଥମିକ ତଦନ୍ତରୁ କହିଛି ଯେ, ଶିଶୁଟି ଛାତ ଉପରୁ ପଡ଼ି ଖଣ୍ଡିଆଖାବରା ହୋଇଥିବା ପରି ଜଣାପଡୁନାହିଁ। ବରଂ କେହି ଝିଅଟିର ମୁଣ୍ଡକୁ ଲୁହାରଡ଼ରେ ଆଘାତ ଦେଇଥାଇପାରେ। ପୁଲିସର ବରିଷ୍ଠ ଅଧିକାରୀ ଓ ଫୋରେନସିକ ବିଶେଷଜ୍ଞ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ କେତେକ ଲୋକଙ୍କୁ ଅଟକ ରଖାଯାଇଛି। ନନ୍ଦଗ୍ରାମ ସର୍କଲ ଏସିପି ପ୍ରିୟାଶ୍ରୀ ପାଲ କହିଛନ୍ତି, ଅଭିଯୋଗ ପରେ ପୁଲିସ ଏହାକୁ ଦୁଷ୍କର୍ମ ଓ ହତ୍ୟା ମାମଲା ଭାବେ ତଦନ୍ତ କରୁଛି। ଏପର୍ଯ୍ୟନ୍ତ ଏହି ଘଟଣାକୁ ଗଣଦୁଷ୍କର୍ମ ଦୃଷ୍ଟିରୁ ଗ୍ରହଣ କରାଯାଇନାହିଁ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟର ସମୀକ୍ଷା ପାଇଁ ଆୟୋଜିତ ହେଲା ବୁଦ୍ଧିଜୀବି ସମ୍ମିଳନୀ

## ଦୁଇ ବର୍ଷ ମଧ୍ୟରେ ରେକର୍ଡ ୨ହଜାର କୋଟି ଟଙ୍କାର ଅନୁଦାନ ଉପଯୋଗ ହୋଇଥିବା ରିପୋର୍ଟ ପ୍ରଦାନ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୧/୭ (ନି.ପ୍ର): ବିଗତ ଦୁଇ ବର୍ଷ ମଧ୍ୟରେ ଭିତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବ ଓ ନାରୀ ଶକ୍ତି ସଶକ୍ତିକରଣ ସହିତ ଅଗଣିତ ଜନକଲ୍ୟାଣକାରୀ ପ୍ରକଳ୍ପ ମାଧ୍ୟମରେ ଏକ ନୂଆ ବାଲେଶ୍ୱର ଗଢ଼ିବା ନେଇ ଚାଲିଥିବା ନିରନ୍ତର ଉଦ୍ୟମ ସମ୍ପର୍କରେ ଆୟୋଜିତ ଏକ ବୁଦ୍ଧିଜୀବି ସମ୍ମିଳନୀରେ ସୂଚନା ଦେଇଛନ୍ତି ବିଧାୟକ ମାନସ କୁମାର ଦତ୍ତ । ରାଜ୍ୟରେ ଲୋକଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେବା ଓ ଜନସାଧାରଣଙ୍କ ନିକଟରୁ ମତାମତ ଲୋଡିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ଶ୍ରୀ ଦତ୍ତ ରେକର୍ଡସ୍ତରରେ ୨ହଜାର କୋଟି ଟଙ୍କାର ଅନୁଦାନ ଅର୍ଥ ଉପଯୋଗ ହେବା ଏକ ବିରଳ ତଥା ଐତିହାସିକ ଘଟଣା ବୋଲି କହିଛନ୍ତି। ଏଥି ମଧ୍ୟରେ ଗ୍ରାମାଂଚଳକୁ ସହର ସହିତ ଯୋଡିବା ଲକ୍ଷ୍ୟରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ସଂଖ୍ୟାଧିକ ପ୍ରକଳ୍ପ ମାଧ୍ୟମରେ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ମଧ୍ୟ ଏକ ରେକର୍ଡ ବୋଲି ସେ ପ୍ରକାଶ କରିଛନ୍ତି। ସଦର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ପ୍ରକଳ୍ପ ମଧ୍ୟରେ ବନ୍ୟା ପ୍ରପିଡିତ ଗୁଜୁରୀବଜାର ଅଂଚଳରେ ୧୨କୋଟି ଟଙ୍କର ରାସ୍ତା, ୪୩ କୋଟି ଟଙ୍କାର ସୋଲପଟା - ବାହାବଲପୁର ରାସ୍ତା ସହିତ ଗ୍ରାମାଂଚଳ ଓ ବାଲେଶ୍ୱର ସହରାଂଚଳରେ ୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିସାରିଛି । ବାଲେଶ୍ୱର ସହର ସୀମାରେ ୩୦୦କୋଟି ଟଙ୍କାର ରିଂ ରୋଡ ପ୍ରକଳ୍ପ ଅନୁମୋଦିତ ହେବା ପରେ ଡିପିଆର ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି । ସମୁଦ୍ର ଜୁଆରରୁ ଉପକୂଳ ଅଂଚଳକୁ ରକ୍ଷା କରିବା ପାଇଁ ସାର୍ଥା ପଂଚାୟତରେ ୨୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଲୁଣାବନ୍ଧ ନିର୍ମାଣାଧୀନ ଥିବା ବେଳେ କଷାଫଳ, ପରିଖି, ନଗ୍ରମ, ଆଳୁମେଦା, ବାହାବଳପୁର, ଚାରିଗୋଛିଆ, ପଂଚୁପଡା, ନୂଆପୁର, ଗୋପୀନାଥପୁର, କୁରାଡିହା, ପୁରୁଣା ବାଲେଶ୍ୱରରେ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ୪ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଦୀର୍ଘ ଦିନରୁ ଅଟକି ରହିଥିବା ପ୍ରକଳ୍ପ ମଧ୍ୟରେ କଷାଫଳ ଓ ଆଳୁମେଦା ପଂଚାୟତକୁ ସଂଯୋଗର ସେତୁ ଡୁବୁଡୁବି ପୋଲର କାର୍ଯ୍ୟ ପୁନଃ ଆରମ୍ଭ ହୋଇଥିବା ବେଳେ ପରିଖି - ବଳରାମଗଡି, ଓଲାଡି ଓ ଅରାଡ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଅନୁରୂପ ଭାବେ ନୂଆପୁର, କଷାଫଳ ଟୁରିଷ୍ଟ, ଚାରିଗୋଛିଆ ପ୍ରଭୃତି ଅଂଚଳରେ ନୂତନ ସେତୁ ନିର୍ମାଣ ପାଇଁ ଉପକ୍ରମ ଆରମ୍ଭ କରାଯାଇଛି । ମୋଟାମୋଟି ଉପରେ ସେତୁ ନିର୍ମାଣ ପାଇଁ ଅଦ୍ୟାବଧି ୧୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ କାର୍ଯ୍ୟାନ୍ୱୟନ ହୋଇପାରିବା ଏକ ଉଲ୍ଲେଖନୀୟ ବିଷୟ । ସେହିପରି ୭୫କୋଟି ଟଙ୍କା ବ୍ୟୟରେ ବଳରାମଗଡିରେ ନିର୍ମିତ ବୃହତ ଫିସିଂ ହାର୍ବର ଓ ବାହାବଳପୁର ଠାରେ ୩୪କୋଟି ଟଙ୍କାର ମତ୍ସ୍ୟ ଅବତରଣ କେନ୍ଦ୍ର ହଜାର ହଜାର ମତ୍ସ୍ୟଜୀବି ପରିବାରର ଆର୍ଥିକ ଅବସ୍ଥାକୁ ସୁଦୃଢ ସହିତ ବାଲେଶ୍ୱରର ଅର୍ଥନୀତିକୁ ନୂତନ ଦିଗ ପ୍ରଦାନ କରିବ । ପର୍ଯ୍ୟଟନ ଅପାର ସୁଯୋଗକୁ ପ୍ରୋତ୍ସାହନ ଦିଗରେ ଚାନ୍ଦିପୁର ବେଳାଭୂମୀର ନବକଳେବର ପାଇଁ ୧୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓ କଷାଫଳ ବେଳାଭୂମୀର ଉନ୍ନତି ପାଇଁ ୨କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀ ଅପେକ୍ଷା କରାଯାଇଛି । ସୁବ୍ୟବସ୍ଥିତ ନ୍ୟାୟିକ ପ୍ରକିୟା ପରିଚାଳନା ପାଇଁ ଜୁଡିସିଆଲ ହବ୍ ନିର୍ମାଣ ନିମନ୍ତେ ୩୪୦କୋଟି ଟଙ୍କାର ଅନୁଦାନ, ଐହିହାସିକ ଉପଲବ୍ଧି ମଧ୍ୟରେ ଅନ୍ୟତମ । ସେହିପରି ଶିଳ୍ପ, ବାଣିଜ୍ୟ ଓ ନିବେଶ କ୍ଷେତ୍ରକୁ ପ୍ରୋତ୍ସାହନ ପାଇଁ ୫୦କୋଟି ଟଙ୍କା ଖର୍ଚ୍ଚରେ ଅତ୍ୟାଧୁନିକ ଇଡକୋ ଟାୱାର ନିର୍ମିତ ହେବ । ବାଲେଶ୍ୱର ସହରର ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୌରପାଳିକା ମାଧ୍ୟମରେ ୮୦କୋଟି ଟଙ୍କା ଖର୍ଚ୍ଚରେ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି । ୫କୋଟି ଟଙ୍କାର ବ୍ୟୟରେ ରିଭର ସାଇଡ ପାର୍କ, ୭କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ମଣ୍ଡଳବଜାର ବହୁମୁଖୀ ମାର୍କେଟ କମ୍ପ୍ଲେକ୍ସ, ୫କୋଟି ଟଙ୍କାରେ ଗୋଶାଳା, ୩କୋଟି ଟଙ୍କାରେ ମଲ୍ଟି କମ୍ପ୍ଲେକ୍ସ ଓ ୫୦ଲକ୍ଷ ଟଙ୍କା ଖର୍ଚ୍ଚରେ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ହେବ । ବାଲେଶ୍ୱର ସହରବାସୀଙ୍କ ବିଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ଆଶାକୁ ପୂରଣ କରିବାକୁ ଯାଇ ୧୨୨କୋଟି ଟଙ୍କା ଅନୁଦାନରେ ନଦୀଜଳ ବିଶୋଧନ ସହ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇପାରିଛି । ସେହିପରି ଗ୍ରାମାଂଚଳରେ ନଳକୂପ ସହିତ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୪୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ବ୍ୟାସକବି ଫକୀରମୋହନଙ୍କ ଜନ୍ମସ୍ଥଳୀ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ସହ ୧୫କୋଟି ଟଙ୍କାର ଅନୁଦାନ ମିଳିସାରିଛି । ନଗ୍ରମ ଠାରେ ବ୍ଲକସ୍ତରୀୟ ବହୁମୁଖୀ କ୍ରୀଡା ଷ୍ଟାଡିଅମ ନିର୍ମାଣ ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ବାଲେଶ୍ୱର ସହରରେ ନୂତନ ଷ୍ଟାଡିଅମ ବା ପରିମିଟ ପଡିଆର ଆଧୁନିକୀକରଣ ପାଇଁ ୧୮କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଉଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ, ବାଲେଶ୍ୱର ସହରର ଡ୍ରେନେଜ ମାଷ୍ଟର ପ୍ଲାନର ଡିପିଆର ପ୍ରସ୍ତୁତି ଚାଲିଛି । ଡେନେଜ୍ ବ୍ୟବସ୍ଥାରେ ଉନ୍ନତି ପାଇଁ କେବଳ ଚଳିତ ବର୍ଷ ୯କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ନୂଆସାହି - ବାଲିଆ ରାସ୍ତାରେ ଡ୍ରେନ ନିର୍ମାଣ ପାଇଁ ୨୭କୋଟି ଟଙ୍କା ମଞ୍ଜୁର ହୋଇଛି । ସଦର ନିର୍ବାଚନମଣ୍ଡଳୀର ଗ୍ରାମାଂଚଳରେ ସୁଦୃଢ ଡ୍ରେନେଜ ବ୍ୟବସ୍ଥା ପାଇଁ ୨୫କୋଟି ଟଙ୍କାର କାର୍ଯ୍ୟ ହାତକୁ ନିଆଯାଇଛି । ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ପୌରପାଳିକା ଅଞ୍ଚଳରେ ୨୦,୪୧୦ଟି ଓ ସଦର ବ୍ଲକ ଅଞ୍ଚଳରେ ୬୨,୬୭୨ଟି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ସେହିପରି ଅନ୍ନପୂର୍ଣ୍ଣା ଯୋଜନାରେ ପୌରପାଳିକାରେ ୧,୦୦୯ ଓ ସଦର ବ୍ଲକରେ ୪,୭୫୬ଟି ପରିବାରକୁ ସାମିଲ କରାଯାଇଛି। ସୁଭଦ୍ରା ଯୋଜନାରେ ସଦର ନିର୍ବାଚନମଣ୍ଡଳୀରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଛି।

## ବିଷାକ୍ତ ସାପ କାମୁଡ଼ାରେ ପଞ୍ଚମ ଶ୍ରେଣୀ ଛାତ୍ର ଚିକିତ୍ସାଧୀନ ଅବସ୍ଥାରେ ମୃତ: ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବୈଶିଙ୍ଗା, ୧୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ବିଷାକ୍ତ ସାପ ଦଂଶନ କରିବାରୁ ପଞ୍ଚମ ଶ୍ରେଣୀର ହଷ୍ଟେଲ ଛାତ୍ର ଗୁରୁତର ଭାବେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ସମୟରେ ମୃତ୍ୟୁବରଣ କରିଛନ୍ତି । ଏହାକୁ ନେଇ ବିଦ୍ୟାଳୟ ପରିସରରେ ପୁଣି ତାତିଲେ ଅଭିଭାବକ, ବିଦ୍ୟାଳୟରେ କରିଲେ ବିକ୍ଷୋଭ । ଏହି ଘଟଣାରେ ପ୍ରଧାନ ଶିକ୍ଷୟତ୍ରୀ ସୁବର୍ଣ୍ଣ ଭୂୟାଁ ଚାକିରିରୁ ନିଲମ୍ବିତ । ପ୍ରାପ୍ତ ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଦିନ ପିଲାମାନେ ଖେଳୁଥିବା ସମୟରେ କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆ ଅଞ୍ଚଳର ଜଗନ୍ନାଥପୁର ଗ୍ରାମର ରବୀନ୍ଦ୍ର ସୋରେନଙ୍କ ପୁଅ ତଥା ପଞ୍ଚମ ଶ୍ରେଣୀ ଛାତ୍ର ସପନ ସୋରେନକୁ ଗୋଟିଏ ବିଷାକ୍ତ ସାପଟି ଦଂଶନ କରିଥିଲା । ସେ ଏନେଇ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅବଗତ କରାଇବା ପରେ ସେ ଉକ୍ତ ଆହତ ଛାତ୍ରକୁ ବୈଶିଙ୍ଗା ଡାକ୍ତରଖାନା ପରେ ପରେ ବାରିପଦା ଡାକ୍ତରଖାନା ନେଇଯାଇଥିଲେ । ଅବସ୍ଥା ଗୁରୁତର ହେବାରୁ ଛାତ୍ରର ପରିବାରବର୍ଗ ବୁଧବାର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇ ଯାଇଥଲେ । ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବିଦ୍ୟାଳୟକୁ ଆସି ପ୍ରତିବାଦ କରିଥିଲେ। ଫଳରେ ବୁଧବାର ଦିନ ବିଭିନ୍ନ ବିଭାଗର ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ଏବଂ ଗ୍ରାମବାସୀ ମାନଙ୍କର ଅଭିଯୋଗର ସ୍ଥିତି ସମୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୁବର୍ଣ୍ଣ ଭୂୟାଁଙ୍କ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମନମାନି କରିବା ଏବଂ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ହଷ୍ଟେଲ ପରିଚାଳନାକୁ ନେଇ ଅସନ୍ତୋଷ ପରିବେଶ ସୃଷ୍ଟି କରିବାକୁ ନେଇ ସମସ୍ତ ଅଭିଭାବକ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଅଭିଯୋଗକୁ ଶୁଣିବା ସହ ଏହାର ସମାଧାନ କରିବା ନେଇ ପ୍ରତିଶୃତି ଦେବା ପରେ ଯାଇ ପରିବେଶ ଶାନ୍ତ ପଡିଥିଲା । ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଆଜି ଶନିବାର ସକାଳ ସମୟରେ ତାର ମୃତ୍ୟୁ ହୋଇଯାଇଥିବା ଘଟଣା ଏକ ପ୍ରକାରର ଶୋକର ବାତାବରଣ ସୃଷ୍ଟି କରିଛି । ଏ ନେଇ ପୁନର୍ବାର ଗଡଦେଉଳିଆ ଗ୍ରାମବାସୀ ସମେତ ସମସ୍ତ ଅଭିଭାବକ ପୂର୍ବାହ୍ନ ସମୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣ ଭୂୟାଁଙ୍କ ଦାୟିତ୍ୱ ହୀନତା ର କାର୍ଯ୍ୟକଳାପକୁ ବିରୋଧ କରି ଶତାଧିକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ପୁରେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନାକୁ ଲକ୍ଷ୍ୟ କରି ବୈଶିଙ୍ଗା ଥାନା ଅଧିକାରୀ ବାରୀଣି ଦାସ ସଦଳଦଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କହିଥିଲେ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହିତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଅଭିଭାବକ ଓ ଗ୍ରାମବାସୀ ଅଡି ବସିଥିଲେ । କାର୍ଯ୍ୟରେ ଅବହେଳା ପାଇଁ ବେତନଟୀ ବ୍ଲକ ଶିକ୍ଷାଧିକାରୀ ଚିଠି ନଂ ୧୭୧୭/୨୬ ମୂଳେ ସୁବର୍ଣ୍ଣ ଭୂୟାଁଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା , ଅତିରିକ୍ତ ତହସିଲଦାର ପିକେ ହିତାଂଶୁ , ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଦନ ସିଂ ଘଟଣା ସ୍ଥଳରେ ପହଞ୍ଚି ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ମୃତକଙ୍କ ପରିବାରକୁ ଗଣଶିକ୍ଷା ବିଭାଗ ତରଫରୁ ସହାୟତା , ସର୍ପନ ଦଂଶନ ନିମନ୍ତେ ସରକାରୀ ସହାୟତା ଏବଂ ରେଡକ୍ରସ ତରଫରୁ ସହାୟତା ତଥା ଅନ୍ୟ ସମସ୍ତ ପ୍ରକାରର ସହଯୋଗ କରିବା ନିମନ୍ତେ ତଦସିଲଦାର ଶ୍ରୀଯୁକ୍ତ ବେହେରା ସମସ୍ତ ଅଭିଭାବକ ଏବଂ ଗ୍ରାମବାସୀଙ୍କ ନିକଟରେ ପ୍ରକାଶ କରିଥିଲେ । ଅଭିଭାବକମାନଙ୍କ ଦାବି ଅନୁଯାୟୀ ମୃତକଙ୍କ ପରିବାରକୁ ସ୍ୱତନ୍ତ୍ର ଅନୁଦାନ ପାଇଁ ବେତନଟୀ ତହସିଲଦାର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଏହା ପରେ ଘଟଣାର ସମାଧାନ ହୋଇଥିଲା । ନିଲମ୍ବନ ପରେ ହଷ୍ଟେଲର ଦାୟିତ୍ୱ ବୁଝିବା ପାଇଁ ଗ୍ରାମବାସୀଙ୍କ ଦ୍ୱାରା ଅବଗତ କରାଇବା ପରେ ବ୍ଲକ ଶିକ୍ଷାଧିକାରୀ ଜଣକୁ ବିଦ୍ୟାଳୟକୁ ପଠାଇଥିବା ବେଳେ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ ହୋଇଛନ୍ତି । ଏହି ଘଟଣାକୁ ନେଇ ଗଡ଼ଦେଉଳିଆ ସରପଞ୍ଚ ବବିତା ସିଂ , ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ, ଦେବବ୍ରତ ପଣ୍ଡା, ଚିନ୍ମୟ ପଣ୍ଡା , ରାଜୀବ ରଞ୍ଜନ ସେନାପତି , ରାମ ମାଝୀ, ରାଜେନ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଆଜି ସନ୍ଧ୍ୟା ସମୟରେ ମୃତକ ଛାତ୍ର ସପନ ର ମୃତ ଦେହ ଗ୍ରାମରେ ପହଞ୍ଚିବା ବେଳକୁ ଏକ ପ୍ରକାରର ଶୋକର ଛାୟା ଖେଳିଯାଇଛି। ଏନେଇ ଏକ ଅପମୃତ୍ୟ ମାମଲା ରୁଜ୍ଜୁ କରିଛି ବୈଶିଙ୍ଗା ପୁଲିସ ।

## ରଥଯାତ୍ରା ସମୟରେ କୋରାପୁଟ ଜିଲ୍ଲାରେ ମଦ ଦୋକାନ ବନ୍ଦ

ଜୟପୁର, ୧୧/୭ (ନି.ପ୍ର): ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କୋରାପୁଟ ଆଗାମୀ ରଥଯାତ୍ରା ସମୟରେ ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି। ପର୍ବପର୍ବାଣୀ ସମୟରେ ସାର୍ବଜନୀନ ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ଆଇ ଏମ ଏଫ ଏଲ 'ଅଫ ' ଏବଂ 'ଅନ ' ହୋଟେଲ ଏବଂ 'ଅନ ରେଷ୍ଟୁରାଂଟ ସହିତ ମୁଖ୍ୟ ଆଉଟଲେଟ୍ ଏବଂ ଶାଖା ଦୋକାନ ସମେତ ସମସ୍ତ ମଦ ଦୋକାନ ସେମାନଙ୍କ ନିଜ ନିଜ ଅଂଚଳରେ ପର୍ବ ପାଳନର ପ୍ରକୃତ ଦିନଗୁଡ଼ିକରେ ବନ୍ଦ ରହିବ। ଓଡ଼ିଶା ଅବକାରୀ ଆଇନ, ୨୦୦୮ ର ଧାରା ୨୬ ଅନୁଯାୟୀ ଏହି ବନ୍ଦ ଲାଗୁ କରାଯାଇଛି। ଜୟପୁର ସହର ପାଇଁ, ୧୭ ଜୁଲାଇ ୨୦୨୬ ରେ ରଥଯାତ୍ରା ମହୋତ୍ସବ ପାଇଁ ଏବଂ ୨୪ ଜୁଲାଇ ରେ ବାହୁଡା ଯାତ୍ରା ପାଇଁ ମଦ ଦୋକାନ ବନ୍ଦ ରହିବ। ଜୟପୁର ସହର ବ୍ୟତୀତ କୋରାପୁଟ ଜିଲ୍ଲାର ଅନ୍ୟ ସମସ୍ତ ଅଂଚଳ ପାଇଁ, ୧୬ ଜୁଲାଇ ୨୦୨୬ ରେ ରଥଯାତ୍ରା ମହୋତ୍ସବ ପାଇଁ ଏବଂ ୨୪ ଜୁଲାଇ ୨୦୨୬ ରେ ବାହୁଡ଼ାଯାତ୍ରା ମହୋତ୍ସବ ପାଇଁ ଦୋକାନ ବନ୍ଦ ରହିବ। ଅବକାରୀ ଅଧିକାରୀମାନେ କହିଛନ୍ତି ଯେ, ନିର୍ଦ୍ଦେଶ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ପୁରୀ ଜିଲ୍ଲାର ବିଭିନ୍ନ ହୋଟେଲରେ ପୋଲିସର ବ୍ୟାପକ ରାତ୍ରିକାଳୀନ ଯାଂଚ୍

ପୁରୀ, ୧୧/୭ (ନି.ପ୍ର): ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦେଶ-ବିଦେଶରୁ ଆସୁଥିବା ଅତିଥିମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ସମଗ୍ର ଜିଲ୍ଲାର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସ ଏବଂ ରହଣି ବ୍ୟବସ୍ଥା ଥିବା ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ରାତ୍ରିକାଳୀନ ଯାଂଚ୍ ଅଭିଯାନ କରାଯାଇଛି। ଏହି ଅଭିଯାନରେ ପୁରୀ ପୋଲିସର ଥାନା ଅଧିକାରୀମାନଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ପୋଲିସ ଅଧିକାରୀ, ସ୍ୱତନ୍ତ୍ର ଟିମ୍ ଏବଂ ସୁରକ୍ଷା ବାହିନୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ରାତ୍ରି ସମୟରେ ହଠାତ୍ ଯାଂଚ୍ ମାଧ୍ୟମରେ ହୋଟେଲଗୁଡ଼ିକରେ ରହୁଥିବା ଅତିଥିମାନଙ୍କର ସୁରକ୍ଷା, ରେଜିଷ୍ଟର ଏବଂ ଡିଜିଟାଲ ରେକର୍ଡର ସଠିକ୍ ସଂରକ୍ଷଣ, ପରିଚୟପତ୍ର ଯାଂଚ୍, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରଦାରି ଏବଂ ସାମଗ୍ରିକ ଆଇନ-ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରାଯାଇଥିଲା। ଯାଂଚ୍ ସମୟରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ସମସ୍ତ ଅତିଥିଙ୍କର ଠିକ୍ ପରିଚୟପତ୍ର ସଂଗ୍ରହ କରିବା, ଚେକ୍-ଇନ୍ ଏବଂ ଚେକ୍-ଆଉଟ୍ ସମ୍ବନ୍ଧୀୟ ରେକର୍ଡକୁ ସଠିକ୍ ଭାବେ ସଂରକ୍ଷଣ କରିବା, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟସ୍ଥ ଥାନାକୁ ଅବଗତ କରିବା, ଅଗ୍ନି ନିରାପତା ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ସିସିଟିଭି କ୍ୟାମେରା ସବୁବେଳେ କାର୍ଯ୍ୟକ୍ଷମ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ହୋଟେଲ ପରିଚାଳକମାନଙ୍କୁ ବିନା ପରିଚୟପତ୍ରରେ କୌଣସି ବ୍ୟକ୍ତିଙ୍କୁ ରହିବାକୁ ଅନୁମତି ନ ଦେବା, ବିଦେଶୀ ନାଗରିକଙ୍କ ସମ୍ବନ୍ଧୀୟ ପ୍ରଚଳିତ ନିୟମାବଳୀକୁ କଡାକଡି ପାଳନ କରିବା ଏବଂ ପୋଲିସ ସହିତ ସର୍ବଦା ସମନ୍ୱୟ ରକ୍ଷା କରିବାକୁ ଅନୁରୋଧ କରାଯାଇଛି। ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ଅବସରରେ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ଅତିଥିଙ୍କୁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ଭୟ ପରିବେଶ ପ୍ରଦାନ କରିବା ପାଇଁ ପୁରୀ ପୋଲିସ ୨୪୭ ସଜାଗ ଏବଂ ସକ୍ରିୟ ରହିଛି। ସହରର ପ୍ରମୁଖ ସ୍ଥାନ, ଧାର୍ମିକ ସ୍ଥଳ, ପାର୍କିଂ ସ୍ଥାନ, ହୋଟେଲ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଓ ନଜରଦାରିକୁ ଆହୁରି ସୁଦୃଢ଼ କରାଯାଇଛି। ପୁରୀ ପୋଲିସ ସମସ୍ତ ହୋଟେଲ ମାଲିକ, ପରିଚାଳକ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରତିଷ୍ଠାନମାନଙ୍କୁ ଆଇନଗତ ନିୟମ ପାଳନ କରିବା ସହ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରୁଛି। ସେହିପରି ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ମଧ୍ୟ ନିଜର ପରିଚୟପତ୍ର ସାଙ୍ଗରେ ରଖିବା, ସତର୍କ ରହିବା ଏବଂ କୌଣସି ସନ୍ଦେହଜନକ ଘଟଣା କିମ୍ବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଉଛି। ପବିତ୍ର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସଫଳ କରିବା ପାଇଁ ପୁରୀ ପୋଲିସ ସମସ୍ତ ସହଯୋଗୀ ସଂସ୍ଥା, ହୋଟେଲ କର୍ତ୍ତୃପକ୍ଷ, ସ୍ଥାନୀୟ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କର ସହଯୋଗ କାମନା କରୁଛି।

## କୋଲାବିରା ବ୍ଲକ ଅଫିସରେ ବିଧାୟକଙ୍କ ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୧୧/୭ (ନି.ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ବିଡ଼ିଓ ଅବିନାଶ ଲାକ୍ରା ଓ ବିଧାୟକ ପ୍ରତିନିଧି ରାଜେଶ ଦାଶ ଙ୍କ ସହ ବ୍ଲକ କାର୍ଯ୍ୟାଳୟର ଏଇଇ, ଏଇ ଓ ସମସ୍ତ ଜେଇ ଉପସ୍ଥିତ ଥିଲେ । କୋଲାବିରା ବ୍ଲକ ଅଂଚଳରେ ଅନେକ ଉନ୍ନୟନ କାମ ଦୀର୍ଘ ମାସ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଠିକାଦାର ଙ୍କୁ ବିଲ ଟଙ୍କା ମିଳୁ ଥିବାରୁ ବିଧାୟକଙ୍କ ନିକଟରେ ଅନେକ ଅଭିଯୋଗ ହୋଇଥିଲା । ବୈଠକ ରେ ଆଲୋଚନା ପରେ ଆସନ୍ତା ୧୦ ଦିନ ମଧ୍ୟରେ କାମ ଶେଷ ବିଲ୍ ସହ ବିଭିନ୍ନ କାର୍ଯ୍ୟର ରନୀଙ୍ଗ ବିଲ ପ୍ରଦାନ ବ୍ଲକ ପକ୍ଷରୁ ପ୍ରଦାନ କରାଯିବ ବୋଲି ବିଧାୟକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଏହାସହ ଅନ୍ତୋଦୟ ଗୃହର ତାଲିକା ସର୍ଭେ କରି ଉପଯୁକ୍ତ ପରିବାର କୁ ଘର ପ୍ରଦାନ କରିବା, ଏସଆଇଆରର ଏ ଏସ ଡି ଲିଷ୍ଟ ରୁ ତର୍ଜମା କରି ଭୋଟର ଲିଷ୍ଟ ରେ ପୁଣି ଭୋଟରଙ୍କ ନାମ ସାମିଲ କରିବା ତଥା ଅନ୍ୟାନ୍ୟ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । କୋଲାବିରା ବ୍ଲକ ର ସମସ୍ତ ପଂଚାୟତ ର ସାମୁହିକ ଉନ୍ନତି ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି । ଆଗାମୀ ଦିନରେ ସମାସିଂହା ଭେଡେନ ନଦୀ କୂଳରେ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ନୂତନ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ସହ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ କୋଲାବିରା ରେ ଗୋଟିଏ ଅତ୍ୟାଧୁନିକ ଷ୍ଟାଡିୟମ୍ ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଉପଲକ୍ଷେ ଜିଲାସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା

କନ୍ଧମାଳ, ୧୧/୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନଶୀଳ ଓ ବୌଦ୍ଧିକ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ କନ୍ଧମାଳରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ, ସହରାଂଚଳ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି ଏବଂ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଶ୍ରୀ ଯୁଧିଷ୍ଠିର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ। ନିଜ ବକ୍ତବ୍ୟରେ ଅତିଥି ଦ୍ୱୟ କହିଥିଲେ ଯେ, ମାତୃଭାଷା ଓଡ଼ିଆର ସମୃଦ୍ଧ ପରମ୍ପରାକୁ ନୂତନ ପିଢ଼ିଙ୍କ ନିକଟରେ ପହଂଚାଇବା ଏବଂ ସେମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏଭଳି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଅବସରରେ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଡ଼. ବିରଂଚି ନାରାୟଣ ସାହୁ, ରମାକାନ୍ତ ମଙ୍ଗରାଜ ଓ ରବୀନ୍ଦ୍ର ମିଶ୍ର, ବିତର୍କ ପ୍ରତିଯୋଗିତାରେ ଯୁଧିଷ୍ଠିର ମହାନ୍ତି, ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ତ୍ରିଲୋକନାଥ ସେନାପତି, କବିତା ଆବୃତି ପ୍ରତିଯୋଗିତାରେ ଅଧ୍ୟାପକ ତଥା କବି ଓ ସାହିତ୍ୟିକ ସନ୍ତୋଷ କୁମାର ତ୍ରିପାଠୀ, ଅଧ୍ୟାପକ ତଥା କବି ଓ ଗାଳ୍ପିକ ରାମକୃଷ୍ଣ ମହାନ୍ତି ଓ କବି ସାହିତ୍ୟିକ, ଶିକ୍ଷାବିତ, ଗବେଷକ ଓ ପ୍ରକାଶକ ଡ଼ଃ. ନୃସିଂହାନନ୍ଦ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତିନିଆଲ ନାଇକା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରିଷ୍ଠ ବର୍ଗର କବିତା ଆବୃତି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ରୟାଲ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ଶେଷରେ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ, ଶିକ୍ଷକ, ଅଭିଭାବକ ଓ ଉପସ୍ଥିତ ସାହିତ୍ୟପ୍ରେମୀମାନଙ୍କୁ ଧନ୍ୟବାଦ ଜଣାଇ ସଭାସାଙ୍ଗ କରିଥିଲେ। ଏହି ଅବସରରେ ବହୁ ସାହିତ୍ୟିକ, ଶିକ୍ଷାବିତ୍, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିଶ୍ୱ ଜନ ସଂଖ୍ୟା ଦିବସରେ ରାଜ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ଆୟୋଜିତ ବିଶ୍ୱ ଜନ ସଂଖ୍ୟା ଦିବସ- ୨୦୨୬ ଭୁବନେଶ୍ୱର ସ୍ଥିତ କୃଷି ଭବନ ଠାରେ ଆୟୋଜିତ ହୋଇଥିଲା। ଏହି ଦିବସରେ ରାଜ୍ୟ ସ୍ତରରେ କେନ୍ଦ୍ରାପଡା ଜିଲ୍ଲା ପରିବାର ନିୟୋଜନ କାର୍ଯ୍ୟକ୍ରମରେ ତୃତୀୟ ସ୍ଥାନରେ ଥିବାରୁ ଜିଲ୍ଲାକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ରାଜ୍ୟ ସରକାରଙ୍କ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ନିର୍ଦ୍ଦେଶିକା ଡ଼. ବୃନ୍ଦା ଡି ଏବଂ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ଠାରୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ନୋଡାଲ ଅଫିସର ପରିବାର କଲ୍ୟାଣ - ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ - ଡ଼. ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ ଗ୍ରହଣ କରିଛନ୍ତି। ଉକ୍ତ ଉତ୍ସବରେ ନିର୍ଦ୍ଦେଶକ ପରିବାର କଲ୍ୟାଣ, ନିର୍ଦ୍ଦେଶକ- ଡ଼ ସନ୍ତୋଷ କୁମାର ପାଢ଼ୀ ଙ୍କ ସମେତ ନିର୍ଦ୍ଦେଶକ, ନର୍ସିଂଙ୍କ ଏବଂ ଅତିରିକ୍ତ ନିର୍ଦ୍ଦେଶକ ମାତୃ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡ଼ ମୁରଲୀଧର ପାଢ଼ୀ, ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସ୍ଥା ଏବଂ ରାଜ୍ୟର ସମସ୍ତ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ସିନିୟର୍ କନସଲଟାଂଟ, ସମସ୍ତ ଡେଭଲପମେଂଟ ପାର୍ଟନର, ସମସ୍ତ ଜିଲ୍ଲା ର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୨୬ ଅନୁଯାୟୀ ଆମ ଭାରତ ବର୍ଷର ଜନ ସଂଖ୍ୟା ଚାଇନା ଠାରୁ ଅଧିକ ହୋଇସାରିଛି। କିନ୍ତୁ ପରିବାର ନିୟୋଜନ ନିମନ୍ତେ କେତୋଟି ନିର୍ଦ୍ଧାରିତ ପଦ୍ଧତି ଯଥା ଆଧୁନିକ ପଦ୍ଧତିରେ ଓଡ଼ିଶା ସ୍ଥାନ କମ୍ ଅଛି ଏବଂ ନୂତନ ଦମ୍ପତି ଓ ଦୁଇଟି ସନ୍ତାନ ମଧ୍ୟରେ ଦୁଇ ବର୍ଷ ପାର୍ଥକ୍ୟ ଆଦି ବିଷୟରେ ଗୁରୁତ୍ୱ ସାଙ୍ଗକୁ ଆବଶ୍ୟକ ହେଉଥିବା ପରିବାର ନିୟୋଜନ ପଦ୍ଧତିରୁ କିଛି ଲୋକ ବଂଚିତ ହେଉଛନ୍ତି ସେଥିପାଇଁ ଆଶାମାନେ ଗାଁ ସ୍ତରରେ ବୁଝାଇବା ସହିତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତର, ନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ , ଉଭୟ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଏବଂ ପରିଦର୍ଶକକାରି ମାନେ ଦାୟିତ୍ୱ ନେବା ପାଇଁ କୁହ ଯାଇଥିଲା। ଗତବର୍ଷ ୨୦୨୫- ୨୬ ପାଇଁ ପୁରୁଷ ବନ୍ଧ୍ୟାକରଣ ସର୍ଜନ ଭାବେ ପାଇଁ ଡ଼ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ମଧ ରାଜ୍ୟ ସ୍ତରରେ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିପାଇଁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟର ଡ.ମିଶ୍ର ଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ପ୍ରଦାନ କରିଛନ୍ତି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶିକ ଡ.ନମିତା ପଟ୍ଟନାୟକ ମଧ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ସେ ଆଶା କରିଛନ୍ତି ଆହୁରି ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସମ୍ମାନ ରଖିବା। ଏହି ଅବସରରେ ଉପ ଜିଲ୍ଲାପାଳ ମଧ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଜୁଲାଇ ୨୦୨୬
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୪୦ ବୁଦ୍ଧ ଏବଂ କୃଷକ, କାଶିଭରଦ୍ୱାଜ



ଏକଦା ବୁଦ୍ଧ ମଗଧର ଏକନାଳା ଗ୍ରାମରେ ଥିଲେ। ବର୍ଷା ହୋଇଯାଇଥିଲା ଓ ବୁଣିବା ସମୟ ଥିଲା। ଭୋର ସମୟରେ ପତ୍ରଗୁଡ଼ିକ କାକରରେ ଭିଜିଥିବାବେଳେ ବୁଦ୍ଧ ସେହି କ୍ଷେତକୁ ଗଲେ, ଯେଉଁଠାରେ କାଶିଭରଦ୍ୱାଜ ନାମକ ଜଣେ ବ୍ରାହ୍ମଣ ଓ କୃଷକ ପାଞ୍ଚଶହ ହଳ ଦ୍ୱାରା ଚାଷ କରୁଥିଲେ। ଯେତେବେଳେ ଭଗବାନ ବୁଦ୍ଧ ସେଠାରେ ପହଞ୍ଚିଲେ, ସେତେବେଳେ ବ୍ରାହ୍ମଣଙ୍କ ଦ୍ୱାରା ମୂଲିଆମାନଙ୍କୁ ଖାଦ୍ୟବଣ୍ଟନର ସମୟ ହୋଇଥିଲା। ବୁଦ୍ଧ ସେଠାରେ ଭିକ୍ଷା ନିମନ୍ତେ ଅପେକ୍ଷା କରିଥିଲେ, ମାତ୍ର ଯେତେବେଳେ ବ୍ରାହ୍ମଣ ତାଙ୍କୁ ଦେଖିଲେ, ଉପହାସ କରି କହିଲେ -

"ମୁଁ ହଳ କରେ ଓ ମଞ୍ଜି ବୁଣେ। ହଳକରି ବୁଣିବା ପରେ ମୁଁ ଖାଇଥାଏ। ହେ ତପସ୍ୱୀ, ତୁମେ ମଧ୍ୟ ହଳ କର ଓ ମଞ୍ଜି ବୁଣ। ହଳକରି ବୁଣିବା ପରେ ତୁମେ ଖାଇବା ଉଚିତ୍।"

"ହେ ବ୍ରାହ୍ମଣ, ମୁଁ ମଧ୍ୟ ହଳ କରେ ଏବଂ ମଞ୍ଜି ବୁଣେ। ଆଉ ହଳ କରି ବୁଣିବା ପରେ ହିଁ ଖାଇଥାଏ।" ବୁଦ୍ଧ ଉତ୍ତର ଦେଲେ।

ଆଶ୍ଚର୍ଯ୍ୟଚକିତ ବ୍ରାହ୍ମଣ ପଚାରିଲେ, "ତୁମେ ଦାବି କରୁଛ ଯେ ତୁମେ ହଳ କରୁଛ ଏବଂ ମଞ୍ଜି ବୁଣୁଛ। କିନ୍ତୁ ମୁଁ ତୁମକୁ ହଳ କରୁଥିବାର ଦେଖୁନାହିଁ?"

ବୁଦ୍ଧ ଉତ୍ତର ଦେଲେ:

"ମୁଁ ବିଶ୍ୱାସକୁ ବୀଜ ରୂପରେ ରୋପଣ କରେ। ମୋର ଶୃଙ୍ଖଳା ହେଉଛି ବର୍ଷା। ମୋର ଜ୍ଞାନ ହେଉଛି ମୋ ଜୁଆଳି ଏବଂ ଲଙ୍ଗଳ। ମୋର ବିନୟ ହେଉଛି ଲଙ୍ଗଳମୁନ। ମନ ହେଉଛି ଦଉଡ଼ି। ସଚେତନତା ହେଉଛି ଲଙ୍ଗଳଫାଳ ଓ ବାଡ଼ି।"

"ମୁଁ କର୍ମ, ବଚନ ଓ ଭୋଜନରେ ସଂଯମୀ। ମୁଁ ସତ୍ୟନିଷ୍ଠ ଭାବରେ ଘାସ ବଛାବଛି କରେ। ମୁଁ ଯେଉଁ ଆନନ୍ଦ ପାଏ ତାହା ହେଉଛି ଦୁଃଖରୁ ମୁକ୍ତି। ମୁଁ ନିର୍ବାଣ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଦୃଢ଼ ଭାବେ ମୋର ଜୁଆଳିକୁ ଧାରଣ କରିଛି। ଏହିପରି ମୁଁ ମୋର ଚାଷ କରୁଛି। ଏଥିରେ ଅମରତ୍ୱର ଫଳ ପ୍ରାପ୍ତ ହୋଇଥାଏ। ଏହିପରି ହଳକରିବା ଦ୍ୱାରା ସମସ୍ତ ଦୁଃଖରୁ ମୁକ୍ତି ମିଳିଥାଏ।"

ଏହି ସ୍ପଷ୍ଟୀକରଣ ପରେ ବ୍ରାହ୍ମଣ ତାଙ୍କର ଭୁଲ୍ ବୁଝିପାରିଲେ ଏବଂ କହିଲେ, "ପୂଜ୍ୟ ଗୌତମବୁଦ୍ଧ ଏହି ଦୁଧ-ଭାତ ଖାଇଦିଅନ୍ତୁ। ପୂଜ୍ୟ ଗୌତମବୁଦ୍ଧ ଜଣେ କୃଷକ, କାରଣ ତାଙ୍କର ଫସଲ ଅମରତ୍ୱର ଫଳ ପ୍ରଦାନ କରେ।" ଏହା କହି ବ୍ରାହ୍ମଣ ଏକ ବଡ଼ ପାତ୍ରରେ କ୍ଷୀରଭାତ ଭର୍ତ୍ତି କରି ବୁଦ୍ଧଙ୍କୁ ଅର୍ପଣ କଲେ।

ବୁଦ୍ଧ ଏହି ଖାଦ୍ୟକୁ ପ୍ରତ୍ୟାଖ୍ୟାନ କଲେ ଏବଂ କହିଥିଲେ ଯେ ତାଙ୍କ ଉପଦେଶ ବିନିମୟରେ ସେ ଖାଦ୍ୟଗ୍ରହଣ କରିପାରିବେ ନାହିଁ।

ବ୍ରାହ୍ମଣ ବୁଦ୍ଧଙ୍କ ପାଦତଳେ ପଡ଼ି ଭିକ୍ଷୁସଂଘରେ ଦୀକ୍ଷିତ କରିବାକୁ ଅନୁରୋଧ କଲେ। ଏହାର କିଛି ସମୟ ପରେ କାଶିଭରଦ୍ୱାଜ ଅରହନ୍ତ ହୋଇଗଲେ।


(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୧୪

## ମାମଲା (ଢ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ସେପଟେ ମିଶ୍ରସାହି। ଏପଟେ ଆଚାର୍ଯ୍ୟ ସାହି। ମଝିରେ ଗୋଟେ ପୋଖରୀ। ଗୋସାଇଁ ଆଚାର୍ଯ୍ୟ ସାଙ୍ଗିଆ। ପାଠ ବି ପୁରାଣ ଆଚାର୍ଯ୍ୟ। ବୃତ୍ତି ଆଚାର୍ଯ୍ୟ। ଚଳପକ୍ଷ ମଧ୍ୟମ। ମିଶ୍ରସାହିଆ ଚାକିରୀବାକିରୀ ଚାଷବାସରେ ଡାଚଉଁଡାଚଉଁ। ସେ ସାହିରେ ଯାହାଙ୍କ ନାଁ ଡାକ ସେ କଲେଜରେ ପାଠ ପଢାନ୍ତି। ଗୋସାଇଁ ଓ ସେ ସାଇକଲ ଚଲାଇ ବ୍ରହ୍ମାଣ୍ଡ ଖେଦନ୍ତି। ଗୋସାଇଁ ବଡ଼। ସେ ସାନ। ଗୋସାଇଁଙ୍କର ଛାତଘର। ତାଙ୍କର ଛାତଘର। ଗୋସାଇଁ ଘରେ ଟିଭି। ତାଙ୍କ ଘରେ ଟିଭି। ଚାକିରୀ କିନ୍ତୁ ମିଶ୍ର ଗୋସେଇଁଙ୍କର ବଡ଼। ବନ୍ଧୁ ବାନ୍ଧିଛନ୍ତି ବଡ଼ଘରେ। ଭାଇମାନେ ଡାକ୍ତର, ମିଲିଟାରୀ ଅଫିସର।

ବଢି ଆସିଲା। ଆଚାର୍ଯ୍ୟ ଗୋସାଇଁଙ୍କର ଆବାଦୀଛାତରେ ରହିଲେ ଛୁଆବାଲୀ ମା' ଗାଁ'ର। ବାକିମାନେ ବାଣ୍ଟି ହେଇଗଲେ ମିଶ୍ରଗୋସେଇଁଙ୍କର ଛାତକୁ। ମିଶ୍ରଗୋସେଇଁ ଭାରି ବେଲିଆ। ଟାହୁଲେଇବେ : ଭାଇନା, ଦେଖିବ । ମୋର ରୋହିଣୀବୃଷ ରାଶି। ଦୋତାଲାଛାତ ପିଟିବି। ଜଗତି ବସେଇବି। ତା ଉପରେ ବସି ଅଟ୍ଟହାସ୍ୟ କରିବି। ଆଚାର୍ଯ୍ୟ ଗୋସାଇଁ ମନେ ମନେ ବିରକ୍ତ ହୋଇ କହନ୍ତି :ଏ ଢମ ରହିଲେ ହେଲା।

ମିଶ୍ର ଗୋସାଇଁ ହରିହରପୁରରେ ଘର ବି କିଣିଲେ। ଅବସର ପରେ ଗାଁ' ଘର ଓ ସହରଘରକୁ ଠିକ୍ ନଜର ଦେଇପାରିଲେନି। ଦେହ ବି ଅକୁଳାଣ ହେଲା ସାଇକଲ ଚଳେଇବାକୁ। ପିଲାମାନେ ଚାକିରୀ କରି ଭୁବନେଶ୍ୱର, ତାଳଚେରରେ ରହିଲେ। ଆଚାର୍ଯ୍ୟ ଗୋସାଇଁ ଗାଁ'ରେ ରହିଲେ। ଭାରି ଝୁରି ହେଲେ ମିଶ୍ର ଗୋସାଇଁଙ୍କୁ। ଖୁରି ଖାଇବାକୁ କେହିନାହିଁ। ମିଶ୍ରଗୋସାଇଁ ଅସୁସ୍ଥ ହୋଇ ଆସିଲେ ପିଲାଙ୍କ ପାଖକୁ ଭୁବନେଶ୍ୱର। ଚିକିତ୍ସା ହେଉ ହେଉ ଅର୍ଦ୍ଧଚେତନ ଅବସ୍ଥାକୁ ଚାଲିଗଲେ। ଖାଲି ଜୁଳୁଜୁଳୁ ହୋଇ ଚାହୁଁ ଥାଆନ୍ତି। ପିଲାମାନେ ମୁଠାମୁଠା ପଇସା ଖରଚ କରୁଥାନ୍ତି। ଆଚାର୍ଯ୍ୟ ଗୋସାଇଁ ବି ଜରାଜୀର୍ଣ୍ଣ ହୋଇଗଲେ। ଗୋସେଇଁଆଣୀ ସ୍ୱର୍ଗ ଦେଖିଲା ପରେ ସେ ରହିଲେ ଏକମାତ୍ର ପୁଅର ବସାଘରେ ଭୁବନେଶ୍ୱରରେ। ଥରେ ମୁହଁ ଫିଟେଇ କହିଲେ : ପୁଅରେ ଚାଇଲୁ ଯିବା, ଟିକେ ସେ ବାଳୁଙ୍ଗାକୁ ଦେଖି ଆସିବା।

ପୁଅ ନେଇଗଲା ମିଶ୍ର ଗୋସାଇଁଙ୍କ ପାଖକୁ।

ମିଶ୍ର ଗୋସାଇଁ ଖଟରେ ପଡିଥାନ୍ତି। ନାକରେ ଲାଗିଥାଏ ନଳୀ। ପାଖରେ ଅକ୍ସିଜେନ, କଫକଢା ଥୁଆ ହୋଇଥାଏ। ଘରୋଇ ସେବିକା ରହିଥାନ୍ତି। ଆଚାର୍ଯ୍ୟ ଗୋସାଇଁ ଡାକ ଛାଡିଲେ ମିଶ୍ର ଗୋସାଇଁଙ୍କୁ। ମଥା ଆଉଁସି ଦେଲେ। ମିଶ୍ର ଗୋସାଇଁ ଆଖି ବଡ଼ବଡ଼ କରି ଅନେଇଲେ। ଆଖିରୁ ଟପଟପ ଖସିଗଲା ଦୁଇଟୋପା।

ମାମଲା ଖଲାସ। ଗଜପତି, ଧନପତି ଦୁହେଁ ମାଟିରେ ମିଶିଗଲେ ଗୋଟିଏ ପରେ ଗୋଟିଏ, ଅଳପଦିନ ବ୍ୟବଧାନରେ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୨୮

**ବିପିନ ମହାନ୍ତି**

### ପ୍ରଥମ ପାପ



ପଟେ ପାଉଁଜି ତୋ' ପଟିଆ ଛକରେ ପଟିମାରିନେଲା କିଏ
ପାଉଁଜି ନୁହେଁ ତ ପ୍ରଥମ ପାପର ପ୍ରଥମ ପାଉଣା ସିଏ
ସାରା ଗାଁ ମାଇପେ ଫୁସୁର ଫାସର ତୁମେ କାଳେ ଇଏ ଭାରି
କେଉଁ ଲମ୍ପଟର ଲୋଲୁପ ଆଖି ସେ' ପାଉଁଜି କରିଛି ଚୋରି।

ଏତେ ଓଜନିଆ ପାଉଁଜିଟା କ'ଣ ଆପେ ଛିଡ଼ିଗଲା ବାଟେ
କାହାର ବା କେଉଁ କାମରେ ଆସିବ ସେ' ପୁଣି ପାଉଁଜି ପଟେ
ହଜିଥିଲା ଦିନେ ଭରା ମେହେଫିଲେ ରାତିଥିଲା ମତୁଆଲା
ହୋଅସରେ ତୁମେ ନଥିଲ ସେଦିନ ମଦହୋସ ମଧୁବାଲା।

ତୁମ ଗାଆଁ ମନୁଆ ଧରା ପଡ଼ିଥିଲା ଦିନେ ସେ' ପାଉଁଜି ପାଇଁ
ଝୁମୁରୁ ଝୁମୁରୁ ଚାଲୁଥିଲେ ତୁମେ ସାରା ଗାଆଁ ଉଠେ ଚେଇଁ
ମୋ' ମନ କହୁଛି ସେଇ ମନୁଆଟା କଦରେ ନେଇଛି ଖୋଲି
ଚୂନ କଳା ନାଇ ଗାଆଁ ବୁଲିଥିଲା ସହଜେ ଥିବ କି ଭୁଲି।

ଆଉ ପାଦର ସେ ପାଉଁଜି ପଟକ ଯାହା ନବ ପଛେ ନିଅ
ଭାଗିଦାର ଭାବି ପ୍ରଥମ ପାପର ସେ' ସ୍ମୃତି ଟିକକ ଦିଅ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ତାରାଟିଏ ହୋଇ ଚାହିଁ ବସିଥିବି

**ହେମନ୍ତ କୁମାର ରାଉତ**



ତାରାଟିଏ ହୋଇ ଚାହିଁ ବସିଥିବି
ଏଇ ତିମିରିତ ତୀରେ
କେତେ ଯେ ବରଷ ବହିଯାଇଥିବ
ଫେରିବନି କୁହ ଥରେ ।

ବେଳାଟିଏ ହୋଇ ପାତିଥିବି ଛାତି
ତୁମରି ପରଶ ଲାଗି
ସାଗର ସେପାରୁ ଢେଉଟିଏ ହୋଇ
ଦେହେ ମୋର ଯିବ ଲାଗି
ସ୍ମୃତିର ଶାମୁକା ବିଂଚୁଥିବି ମୁଁ
ନାଚିଯିବି ଆନନ୍ଦରେ ।

ଆକାଶ ନଈର ସେପାରେ ଭାସିବ
ଅପହଂଚ ମେଘ ନାଆ
ମେଘ କାଗଜରେ ଚିଠି ଲେଖୁଥିବି
ଲେଖିଥିବି ତୁମ ନାଁ
ଜନମ ଜନମ ବିତିଯାଉ ମୋର
ତୁମପଥ ଚାହିଁବାରେ ।

ଜହ୍ନ ବଗିଚାରେ ଫୁଲଟିଏ ହୋଇ
ଗଂଧ ଦେବି ମୁଁ ଭରି
ଜଳିଯାଏ ଯେବେ ପାଉଁଶର ରେଣୁ
ତୁମପରେ ଯିବ ଝରି
ଆନମନା ହୋଇ ପୋଛି ଦେବନାହିଁ
ଲୁହ ତୁମ ପଣତରେ ।

♥ ବାର୍ହାପୁର, ପଟାମୁଣ୍ଡାଇ, କେନ୍ଦ୍ରାପଡା
(ମୋ) ୬୩୭୧୬୭୨୧୪୮

## ଚିଠି

**ଐଶ୍ୱର୍ଯ୍ୟା ପ୍ରଧାନ**



ବହୁଦିନ ତଳେ ତୁମପାଇଁ
ହାତ ଲେଖା ଚିଠିଟିଏ ପଠେଇ ଥିଲି,
ଲେଖିଥିଲି-
ମୋ ମନର ଯେତେ ଅକୁହା କଥା ,
ପ୍ରେମ ଆଉ ଆବେଗର ସୂତାରେ
ଶବ୍ଦ ମାନଙ୍କ ଗୋଟେ ମାଳା !!

ଜାଣିଚ,
ଅନେକ ଥର ଲେଖିଛି
କେବେ ଜହ୍ନ ରାତିରେ
କେବେ ବର୍ଷା ରାତିରେ
କେବେ ଶିତୁଆ ସକାଳରେ
କେବେ ଧୁ ଧୁ ଖରା ବେଳରେ।
କଲମରେ ସିନା ଲେଖିଛି,
ହେଲେ ସ୍ୟାହି ବଦଳରେ ବୋଳିଛି
ମୋ ଅକୁହା ପ୍ରେମର ଲାଲ୍ ରଙ୍ଗ !!

ଅଗଣାରେ ଡାକବାଲା ଆସିଛି,
ତୁମ ଚିଠିର ଉତ୍ତର ଦେଖି
ମନଟା ସାରା ଖେଳି ଯାଉଛି
ଫଗୁଣ ମାସର ରଙ୍ଗ
ବାସୀ ଗୋଲାପଟା ହେଇଯାଇଛି ସତେଜ
ଆଉ ଅବେଳରେ ଶୁଭୁଚି
କୋଇଲିର କୁହୁତାନ,
ଚିଠିକୁ ଦେଖିଲି
ଇୟେ ତ ମୋର ପଠେଇ ଥିବା ଚିଠି,
ତୁମ ଠିକଣା ବଦଳିଛି ବୋଲି
ଫେରି ଆସିଛି ମୋ ପାଖକୁ
ଆଉ -ଏବେ ତ ଆଖିର ଲୁହରେ
ତୁମ ପୁରୁଣା ଠିକଣା ବି ଲିଭି ଯାଉଛି
ଆସ୍ତେ ଆସ୍ତେ ।

♥ ପୋଷ୍ଟାଲ୍ କଲୋନୀ,ଭବାନୀପାଟଣା
କଳାହାଣ୍ଡି
ମୋ-୭୦୦୮୯୩୧୫୯୯

# କବିତା



## ଅବ୍ୟକ୍ତ

**ସୁଧୀର ମେହେର**

ସବୁକଥା ସଭିଙ୍କୁ କହି ହୁଏନି ।

କିଛି ଛାତି ତଳେ ପଥର ପାଲଟି ଯାଏ...
କିଛି ଆଖି କୋଣରେ
ଲେଞ୍ଜେରା ହୋଇ ଶୁଖି ଯାଏ.....
ଆଉ କିଛି
ଶୁଖି ଆସୁଥିବା ମଲା କ୍ଷତ ଭଳି
ବାରବାର ଝୁଣ୍ଟି ହୋଇ
ଉଖରେଇ ହେଉଥାଏ
ଓ ବିଗତ ଦିନମାନଙ୍କୁ
ତାଜା କରୁଥାଏ ।

ତଥାପି
ପବନରେ ଆଢୁଆଳରେ ରହି
ଆଶାର ଦୀପଟିଏ ମିଞ୍ଜି ମିଞ୍ଜି ଜଳୁ ଥାଏ,
କିଏ ତ ଆସି ଲିଭି ଆସୁଥିବା ମାଟି ଦୀପରେ
ଘିଅ ଟିକେ ଢାଳି ଦେବ,
ସଳିତାକୁ ଆଉ ଟିକେ ତେଜେଇ ଦେବ,
ଜଖମ୍ ଛାତିକୁ ଟିକେ ଆଉଁସି ଦେବ
କହିବ ଏ ଦାଗ ଲିଭି ଯିବ ।

କାହାକୁ ବୁଝେଇ ହୁଏନି
ଦାଗର ଗଭୀରତା ,
କହି ବି ହୁଏନି
ଗୋଟେ ଦୁଷ୍ଚିନ୍ତାର ବୋଝକୁ ବୋହି
ବାଟ ଚାଲିବା କେତେ ଯେ କଷ୍ଟ ,
ତଥାପି, ମନ କହେ
ସେ ଦିନେ ଆସିବ-
ଜଖମ୍ ଛାତିକୁ ଆଉଁସି ଦେଇ କହିବ,
ମୋତେ କ୍ଷମା କରି ଦିଅ....
ସେହିଦିନ ହିଁ ପୁରି ଉଠିବ କ୍ଷତ,
ମଲାହାଡ଼ ପଞ୍ଜରାରେ
କଅଁଳି ଉଠିବ ଡାଳପତ୍ର
ଛାତି ନାଡରୁ ମୁଣ୍ଡ ଟେକିବ ଆଉ ଗୋଟେ
ପଦ୍ମ କୋରକ ।

ସେଇ ଦିନକୁ ହିଁ ଅପେକ୍ଷା ମୋର ।

♥ ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି, ପିନ୍ -୭୬୬୦୧୪
(ମୋ) ୯୫୭୩୫୮୮୮୭

## ବିପତ୍ତି

**ସୁରେଶ ନାୟକ**



ଏ ଦେହ ନିଗାଡି ସାରିଛି
ବହୁ ରକ୍ତ
ତମମାନଙ୍କ କଳି ତକରାଳରେ ମଧ୍ୟସ୍ଥି ।
ରାତି ଢୁକେଇ ଦେଉଛି
ଅଧାଦେଖା ସ୍ୱପ୍ନଟି ପାଖେ
ନିର୍ଦ୍ଦିଷ୍ଟ ହୋଇଯାଇଛି ମୁଁ
ନିର୍ଦ୍ଦିଷ୍ଟ ନିୟତି ।

ଗିରି ଗୁମ୍ଫାରେ
ତପସ୍ୟାରତ ଭଣ୍ଡ ସନ୍ନ୍ୟାସୀର ଦୁଃଖ
ଅଭିଶାପ ହେଇ
ବର୍ଷିଯାଉଛି ଅସରେ, ଦି' ଅସରା ।
ଟିଣଛାତରେ ଲଟକି ରହିଛି
ସେ ଦୁଃଖରୁ ଦୁଇ-ତିନି ବୁନ୍ଦା
ଏତିକି କ'ଣ ଯଥେଷ୍ଟ ନଥିଲା ?
ଯଥେଷ୍ଟ, ଶୋଷ ମେଣ୍ଟାକୁ ??

କିଛି ଗୋଟେ ଅଧିକାର ଅଛି
ମୋର, ତୋ ଉପରେ ।

ଜୋର ଜବରଦସ୍ତି କରିହେବ ?
ପଚାରିହେବ
କାହିଁକି ସରାଗଭର୍ତ୍ତି କଳସ
ମୁଣ୍ଡରୁ ଓହ୍ଲାଇ ଦେଲୁ ?

ଏ କ'ଣ ସେଇ ଭଲପାଇବା ?
ଯାହାକୁ ପାଇବାଲାଗି
ନଈପହଁରା ଶିଖୁଥିଲି
ଦେବତାଙ୍କ ସହ ଝଗଡା
ପାହାଡ ଡିଖରେ
ଏକପାଦ ଠିଆ ସାଧନା ।

ବୃଥା ନଯାଉ ପ୍ରଭୁ ।

ବୃଥା ନଯାଉ ଏ ପରିଶ୍ରମ,
ଧନଧାନ୍ୟର ପୃଥିବୀ ।

ବରଂ ମୁଁ ଇତିହାସ ହୋଇଯାଉଥାଏ
ଶତ୍ରୁ ଦୁର୍ଗରେ ।

♥ ପଣ୍ଡିଚେରୀ
(ମୋ) ୯୩୮୪୦୮୭୪୫୬



## ଆଷାଢ଼ ମାସେ

**ବାବାଜୀ ଚରଣ ଜେନା**

ଆଷାଢରେ ଘୋଷ ଯାତଲୋ ସଜନୀ
ଆଷାଢରେ ଘୋଷ ଯାତ
ଜନମ ବେଦୀକୁ ଯାଉଛନ୍ତି ପ୍ରଭୁ
ସଙ୍ଗେ ଘେନି ଭଗ୍ନି ଭ୍ରାତ ...

ଆଷାଢରେ ଝିପି ଝିପି ବରଷାଲୋ
ବାଲିରେ ତ ବାଲି ଛତୁ
ମିଛରେ ଭଣ୍ଡେଇ ଦେଉଛୁ ମୋତେ ଯା'
ଫେରାଇତୁ ଅଧା ବାଟୁ ...

ଆଷାଢରେ କୀଆ କେତକୀ କଦମ୍ବ
ମହମହ ହୋଇ ବାସେ
ମନ ନବୁଝି ଯା ମନର ମଣିଷ
ରହଛନ୍ତି ପରବାସେ ...


ଆଷାଢରେ ଚାଷ ବାସଲୋ କାଇଁଚ
ବୁଆ ଧାନ ବଛାବଛି
ବୁଲେଇ ପଧାନ ଝିଅ ବାହାଘର
କାନ୍ଦଣା ତ ଶିଖୁ ଅଛି ...

ଆଷାଢେ ନଈରେ ଗୋଳିଆ ପାଣିଲୋ
ଆକାଶେ ବଉଦ ଭାସେ
ବୋଉ କରିଥିଲା ଚୁନା ମାଛ ଭଜା
ପଖାଳ ଖାଇଲି କଂସେ ...

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ ୯୪୩୭୮୩୪୭୧୯

## ଅସ୍ତିତ୍ୱର ଡୁବନ

**ରତ୍ନାକର ରାଉତ**



କିଏ କେଉଁଥିରେ ମିଶିଲେ
କିଏ କେଉଁଥିରୁ ଇସ୍ତଫା ଦେଲେ
ସେଥିରେ ମୁଣ୍ଡ ଖେଳେଇବାକୁ
ବେଳ ଅଛି କାହାର
ସଭିଏଁ ଯେତେବେଳେ
ମହରଗ ମାଡ଼ରେ ଘାଇଲା
ବାଧ୍ୟ ହେବାକୁ ଶୁଖିଶୁଖି
ଅସ୍ଥି କଂକାଳ ସାର।

ୟେ ତ' ସ୍ୱାଭାବିକ ପ୍ରକ୍ରିୟା
ଗୁଡ଼ ମାଠିଆ ଯେଉଁଠି ଜନ୍ଦା ପିମ୍ପୁଡ଼ି ସେଇଠି
ମାଠିଆରୁ ଗୁଡ଼ ସରିଗଲେ
କିଏ ଦେଖିଛି କି ସେଠାରେ
ଜନ୍ଦା ପିମ୍ପୁଡ଼ିଙ୍କ ଭିଡ଼ ?

ନୂଆ ବରଷାର ଛୁଆଁରେ
ପୁଲକିତ ହୁଏ ସଭିଙ୍କ ପ୍ରାଣ
କାରଣ ତା ପୂର୍ବରୁ ଖରା ଦାଉରେ
ଜୀବନ ଶିଝୁଥାଏ ଯେପରି
ତତଲା କଢ଼େଇରେ କଉମାଛ।

ମୌସୁମୀ ଛୁଇଁଲେ ମାଟିର ଚିବୁକ
କଉମାନେ ମାନନ୍ତି ନାହିଁ ବନ୍ଧ ବାଡ଼
ଯେମିତି ଦଳ ଜିତିଲେ
ଅନିୟନ୍ତ୍ରିତ ମେଳା ଲାଗେ
ଛୋଟ ନେତାଠୁ ବଡ଼ ନେତା ସଭିଙ୍କର
କୁଆଡୁ କେଜାଣି ମାଡ଼ି ଆସନ୍ତି ସମର୍ଥକ
ଯେପରି ଦଳକୁ ଦଳ ପଙ୍ଗପାଳ।

ପାଣି ମୁହଁରେ ସବୁ ହୋଇଯାଏ
ଜଳାର୍ଣ୍ଣବ, ଏକାକାର
ଗାଡ଼ିଆ, ପୋଖରୀ, ଜଳାଶୟ,
ନଦୀ, ନାଳ
କ୍ଷେତ, ବାଡ଼ି, କିଆର
ନ ଥାଏ ବାଛ ବିଚାର,
ପର ଆପଣାର
କେଉଁଟା କାହାର
ସଭିଙ୍କ ଇଚ୍ଛା
ଏ ଅପୂର୍ବ ବେଳାରେ
ଜଳ ଗହଳେ ପକେଇ ପାରିଲେ ବୁଡ଼
ପରିତ୍ରାଣ ହୋଇଯିବ ସବୁ ପାପ
ଅପନୋଦନ ହୋଇଯିବ ସବୁ ଦୁଃଖ
ଅପସରି ଯିବ ଜୀବନରୁ ଦୁର୍ଦ୍ଦିନ।

ହେ ଜନତା ଜନାର୍ଦ୍ଦନ
ଏଥିକୁ ଅନ୍ୟଥା ନ ବିଚାର
ଯାହାର ଯାହାର ଇଚ୍ଛା ଅଛି
ସେମାନେ ବି ସେ ସୁଅରେ
ଡୁବନ ଦେଇପାର।

♥ ପ୍ଲଟ ନମ୍ବର -୭୬୭(ପାର୍ଟ)
ଜୟଦୁର୍ଗା ନଗର
ଭୁବନେଶ୍ୱର
ପିନ୍-୭୫୧୦୦୬
(ମୋ) : ୯୪୩୭୩୮୨୨୮୧

# ଏବେ ପୁରସ୍କାର ଚୟନରେ ସ୍ୱଚ୍ଛତା ଆସ୍ତେଆସ୍ତେ କମିଆସୁଛି, ଯାହା ଲେଖକମାନଙ୍କ ମନରେ ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି : ମାଙ୍ଗଳିକା ଦାସ

**ମାଙ୍ଗଳିକା ଦାସ**

ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପିକା ଥାଇ ଓଡିଆ କବିତା ଓ ଗଳ୍ପ ଲେଖି ସେ ତିଆରି କରିଛନ୍ତି ନିଜ ପାଇଁ ସୃଜନର ଏକ ବର୍ଣ୍ଣିଳ ପରିଧି । "ସହଜ ଓ ସରଳ କବିତାର ଧାଡିମାନଙ୍କରେ ସେ ଥାକ ଥାକ କରି ସାଇତିଛନ୍ତି ତାଙ୍କ ହୃଦୟର ବାଙ୍ମୟ ଭାବ । ସବୁ ପ୍ରକାର ବାଦ-ବିବାଦ ଠାରୁ ଦୂରରେ ରହି ଯଦି ପୂର୍ବସୂରୀମାନଙ୍କ ଭଳି ସ୍ୱଚ୍ଛ ସାହିତ୍ୟ ରଚନା କରାଯାଏ, ତେବେ ନିଶ୍ଚିତ ଭାବରେ ଓଡିଆ ଭାଷା ଓ ସାହିତ୍ୟ ବିଶ୍ୱ ଦରବାରରେ ନିଜର ସ୍ଥିତି ଦୃଢ କରିପାରିବ" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ମୁଁ କବିତା କାହିଁକି ଲେଖେ ସେକଥା ତ କହିପାରିବି ନାହିଁ। କିନ୍ତୁ କବିତା ମୋ ହୃଦୟର ସ୍ପନ୍ଦନ ବୋଲି ମତେ ପ୍ରତୀତ ହୁଏ। ମୁଁ ଯାଜପୁର ଟାଉନର ତାରାମଦନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲାବେଳେ ସ୍କୁଲର ବାର୍ଷିକ ମୁଖପତ୍ର-କାବ୍ୟତାରାରେ ପ୍ରଥମ ଗୀତିକବିତାଟି 'ଆମ ସ୍କୁଲ' ଶୀର୍ଷକରେ ଲେଖିଥିଲି।

■ ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସବୁବେଳେ ମୋର ସାରସ୍ୱତ ପ୍ରେରଣା ମୋର ପରିବାର ଓ ମୋର ସହପାଠୀ ବନ୍ଧୁମାନେ ହିଁ ରହିଆସିଛନ୍ତି। ବିଶେଷ କରି ମୋର ପିତୃପକ୍ଷ ଓ ମାତୃପକ୍ଷର ସମ୍ପର୍କୀୟମାନେ ମତେ ସବୁସମୟରେ ଉତ୍ସାହିତ କରିଆସିଛନ୍ତି।

ସାହିତ୍ୟ ଜୀବନର ଆଦ୍ୟଗୁରୁ ଭାବେ ମୁଁ ମୋର ପରଲୋକଗତ ପିତା ପ୍ରାଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ଦାସଙ୍କୁ ହିଁ ସ୍ୱୀକାର କରିବି।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଭାବନାକୁ ?

■■ ମୋର ଯାହା ମନେଅଛି ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶ ୧୯୯୦ମସିହା ଜୁଲାଇ ମାସ ଆକାଶବାଣୀ କଟକର ଯୁବବାଣୀ କାର୍ଯ୍ୟକ୍ରମ ପାକ୍ଷିକ ସାହିତ୍ୟ ପତ୍ରିକାରେ ହୋଇଥିଲା ଗଳ୍ପ 'ବିବର୍ଣ୍ଣ ପୃଥିବୀ'ମାଧ୍ୟମରେ। ସେଦିନର ସେ ଅନୁଭୂତି ନିଆରା ଥିଲା। ମୋ ଘର ପରିବାର, ବନ୍ଧୁବାନ୍ଧବ ତଥା ସାଙ୍ଗସାଥୀ ସମସ୍ତେ ରେଡିଓରୁ ଗପଟିକୁ ଶୁଣିଥିଲେ ଓ ବହୁତ ପ୍ରଶଂସା କରିଥିଲେ।

ମୋ ବୃତ୍ତି ମତେ ପରିଚୟ ଦେଇଛି ଅଧ୍ୟାପିକାର। ତେଣୁ ମୋ କାବ୍ୟିକ ଅଭିବୃଦ୍ଧିରେ ବୃତ୍ତି ଏକ ଦରଦୀ ବାନ୍ଧବୀ ଏବଂ ପରିବାର ମୋ ପ୍ରେରଣାର ଉତ୍ସ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ସନ୍ଦେହର ଆବଶ୍ୟକତା ନାହିଁ, କାରଣ ୧୯୩୬ ମସିହା ପୂର୍ବ ବା ପରର ସମୟ ଏବେ ନାହିଁ। କେବଳ ସରକାରୀ ସ୍ତରରେ ଦୃଢ ପ୍ରୋତ୍ସାହନର ଆବଶ୍ୟକତା ରହଛି। ପଠନ,ଲିଖନ ତଥା ଆବୃତ୍ତି ମାଧ୍ୟମରେ ଶିଶୁ ମନରେ ପ୍ରାଥମିକ ସ୍ତରରୁ ଓଡିଆ ଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରାଯାଇପାରିବ। ଆଜିର ଶିଶୁ କାଲିର ନାଗରିକ। ତୃଣମୂଳ ସ୍ତରରୁ ସ୍ୱଚ୍ଛ-ସରଳ ସାହିତ୍ୟ ହିଁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ମୋର ଆଶା ଓ ବିଶ୍ୱାସ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ହଁ ଏକଥା ସତ୍ୟ ଯେ ଜାତୀୟସ୍ତରର ମାନ୍ୟତା ପାଇବା ପରେ ମଧ୍ୟ ଆମ ମାତୃଭାଷା ସଂକଟରେ। ସାଂପ୍ରତିକ ସମାଜରେ କ୍ୱଚିତ ବ୍ୟକ୍ତି ଏହା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ସଭାସମିତି ମାଧ୍ୟମରେ ଆମେ ହୁଏତ କୋଟୋଟି ମୁହୂର୍ତ୍ତ ପାଇଁ ବାନ୍ଧିରଖିପାରିବା କିଛି ଲୋକଙ୍କୁ। କିନ୍ତୁ ସବୁ ସମୟ ପାଇଁ ନୁହେଁ। ସାହିତ୍ୟ ମାଧ୍ୟମରେ ଏହାର ସମାଧାନ ମାର୍ଗ ଉନ୍ମୁକ୍ତ କରାଯାଇପାରେ। ଯଦିଓ ଏହା ଖୁବ୍ ମନ୍ଥର, ତଥାପି ଏହାର ପ୍ରଭାବ ଦୀର୍ଘସ୍ଥାୟୀ।

■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଏହା ତ ଏକ ଜଟିଳ ପ୍ରଶ୍ନ। ମୋ ମତରେ ହୃଦୟର ନିର୍ମଳ ଭାବାବେଗକୁ ବହନ କରୁଥିବା ସୁନ୍ଦର ବୋଧଗମ୍ୟ ଶବ୍ଦର ଲାଳିତ୍ୟ ହିଁ ଏକ ଭଲ କବିତା। ଏହା ହୃଦୟର ପ୍ରତିଟି ସ୍ପନ୍ଦନକୁ ମାପି ପାରେ ଓ ମାନସ ଗ୍ରନ୍ଥିର ପ୍ରତିଟି ସୂକ୍ଷ୍ମ ତନ୍ତ୍ରୀକୁ ଛୁଇଁପାରେ। ଅକ୍ଳେଶରେ ମନ୍ଦାକିନୀର କଳକଳ ନିନାଦିତ ଧାରାଟିଏ ସୃଷ୍ଟି କରିପାରେ ପାଠକ ହୃଦୟରେ।

ସାହିତ୍ୟ ତ ଯୁଗେ ଯୁଗେ ସମାଜ ପାଇଁ ପଥପ୍ରଦର୍ଶକ। କିନ୍ତୁ ସମୟର ପରିବର୍ତ୍ତନ ସହିତ ବ୍ୟକ୍ତିବିଶେଷଙ୍କର ମାନସିକତାର ମଧ୍ୟ ପରିବର୍ତ୍ତନ ଘଟିଛି। ତେଣୁ ସାହିତ୍ୟ ମାଧ୍ୟମରେ କାହାର ମାନସିକତାର ପରିବର୍ତ୍ତନ ଏତେ ସହଜ କିମ୍ବା ସରଳ ନୁହେଁ। ତଥାପି ତୃତୀୟ ଈଶ୍ୱର କୁହାଯାଉଥିବା ଲେଖକ/ଲେଖିକାମାନେ ସାହିତ୍ୟ ମାଧ୍ୟମରେ ଏହି ପ୍ରୟାସ ଜାରି ରଖିବା ଉଚିତ।

■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଆମଭାଷା ଓ ସାହିତ୍ୟ ପୂର୍ବବତ୍ ଉଜ୍ଜ୍ୱଳ। ନବ ପ୍ରଜନ୍ମର ଲେଖକ-ଲେଖିକାମାନଙ୍କର ଆତ୍ମପ୍ରକାଶ ଓଡିଆ ଭାଷା, ସାହିତ୍ୟକୁ ଅଧିକରୁ ଅଧିକ ସମୃଦ୍ଧ କରିଆସୁଛି। ସବୁ ପ୍ରକାର ବାଦ-ବିବାଦ (isms)ଠାରୁ ଦୂରରେ ରହି ଯଦି ପୂର୍ବସୂରୀମାନଙ୍କ ଭଳି ସ୍ୱଚ୍ଛ ସାହିତ୍ୟ ରଚନା କରାଯାଏ, ତେବେ ନିଶ୍ଚିତ ଭାବରେ ଓଡିଆ ଭାଷା ଓ ସାହିତ୍ୟ ବିଶ୍ୱଦରବାରରେ ନିଜର ସ୍ଥିତି ଦୃଢ କରିପାରିବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛି ପରିମାଣରେ ରହିଛି, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ନୁହେଁ । ପାଠକୀୟ ସ୍ୱୀକୃତି ହେଉଛି ଲେଖକଙ୍କ ପାଇଁ ସବୁଠୁ ବଡ଼ ପୁରସ୍କାର । କ୍ଲାସିକ୍ ଓଡିଆ ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର'ର ଲେଖକ ବାରିଷ୍ଟର ଗୋବିନ୍ଦ ଚନ୍ଦ୍ର ଦାସ କୌଣସି ବିଶେଷ ସାହିତ୍ୟିକ ପୁରସ୍କାର ପାଇ ନଥିଲେ କିନ୍ତୁ ତାଙ୍କର ଏହି କାଳଜୟୀ ଉପନ୍ୟାସ ସାରା ଓଡିଶାରେ ବିପୁଳ ପାଠକୀୟ ଆଦୃତି ଲାଭ କରିଅଛି ଓ ଏହାର ଅନେକ ସଂସ୍କରଣ ପ୍ରକାଶିତ । ଅତଏବ ପୁରସ୍କାର ବିନା ମଧ୍ୟ ସେ ଓଡିଆ ସାହିତ୍ୟରେ ଅମର ହୋଇ ରହିବେ । ଅବଶ୍ୟ ବର୍ତ୍ତମାନ ସମୟରେ ରାଜ୍ୟ ବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତଥା ଅନ୍ୟାନ୍ୟ ବିଶିଷ୍ଟ ପୁରସ୍କାର ଲେଖକ ତଥା ପାଠକ ମହଲରେ ଗୁରୁତ୍ୱ ବହନ କରୁଅଛି ଓ ପୁରସ୍କାରପ୍ରାପ୍ତ ଲେଖକ ଲେଖିକାମାନଙ୍କୁ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ କରାଯାଉଛି । କିନ୍ତୁ ପୁରସ୍କାର ଚୟନରେ ଏବେ ସ୍ୱଚ୍ଛତା ଆସ୍ତେ ଆସ୍ତେ କମି ଆସୁଛି ଯାହା ଲେଖକମାନଙ୍କ ମନରେ ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ନଅ ବର୍ଷ ହେଲା ଦିଆଯାଇ ନାହିଁ ଯାହା ଏକ କ୍ଷୋଭର ବିଷୟ । କର୍ତ୍ତୃପକ୍ଷ ଏଥିପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡିଆ ଅସ୍ମିତାକୁ ଅଗ୍ରଗାମୀ କରିବା ବିଧେୟ । ସାହିତ୍ୟ ମାଧ୍ୟମରେ ସମାଜକୁ ସମସ୍ତ ପ୍ରକାର ବାର୍ତ୍ତା ଦେଇହେବ, କାରଣ ସାହିତ୍ୟ ହେଉଛି ସମାଜର ଦର୍ପଣ । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡିଆ ଭାଷା ଓ ସାହିତ୍ୟ କିପରି ଗତିଶୀଳ ଓ ଦୀର୍ଘସ୍ଥାୟୀ ହେବ ତଥା ଆଗାମୀ ପିଢି କିପରି ଏଥିପ୍ରତି ଆକୃଷ୍ଟ ହେବେ ସେହି ବାର୍ତ୍ତାଟି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚିବାର ଆବଶ୍ୟକତା ରହିଛି।

## ■ ଅଳ୍ପରେ ମାଙ୍ଗଳିକା ଦାସ

ଅଧ୍ୟାପିକା, ଇଂରାଜୀ ବିଭାଗ
ଧର୍ମଶାଳା ମହିଳାମହାବିଦ୍ୟାଳୟ,
ଧର୍ମଶାଳା, ଯାଜପୁର



ପିତା -ସ୍ୱର୍ଗତ ଡ. କୈଳାସ ଚନ୍ଦ୍ର ଦାସ
ସ୍ୱାମୀ - ସ୍ୱର୍ଗତ ଜୀବନାନନ୍ଦ ମହାନ୍ତି
ଜନ୍ମ ତାରିଖ - ୧୫.୦୨.୧୯୭୧
ଜନ୍ମ ସ୍ଥାନ - ଧନେଶ୍ୱର, କୋରେଇ, ଯାଜପୁର
(ମୋ) ୯୪୩୭୮୬୧୯୯୯

**ପ୍ରକାଶିତ ପୁସ୍ତକ (କବିତା)**

୧- ଅଭିନବ ଅଭିସାର
୨- ଅବ୍ୟକ୍ତ ଆଳାପ
୩- ଅନ୍ତରାଗର ଆଲେଖ୍ୟ
୪- ରାଧା
୫- ଅସ୍ମିତା
୬- ଅବ୍ୟକ୍ତ ଅନୁରାଗ
୭- ଅନୁରାଗର ରଂଗ

**ଗଳ୍ପ ସଂକଳନ-**

୧- ଅନନ୍ୟା
୨- ଅମିତ୍ରାକ୍ଷର
(ପ୍ରକାଶ ଅପେକ୍ଷାରେ)



ସ୍ମୃତି : ଦିବଂଗତ ସ୍ୱାମୀଙ୍କ ସହ କବି ମାଙ୍ଗଳିକା ଦାସ...



କବି ମାଙ୍ଗଳିକା ଦାସଙ୍କ ଏକମାତ୍ର ପୁତ୍ର...







ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



ସମଧର୍ମୀ କବି ଲେଖକଙ୍କ ଗହଣରେ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି ଲେଖିକା ମାଙ୍ଗଳିକା ଦାସ...

## ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

### ଭାଗ-୩୦

ସନ୍ଦେହ କ୍ରମେ ଘନୀଭୂତ ହେଉଥିଲା ଜେନି ଭିତରେ। କେବଳ ଆଖିର ଚାହାଣୀ ବ୍ୟତୀତ ଆଉ ସବୁ କିଛି ଯେ ପ୍ରଶାନ୍ତିର, ତାହା ସହଜରେ ବିଶ୍ୱାସ କରିପାରୁ ନଥିଲା ଜେନି। ହୁଏତ କୌଣସି ସମ୍ପର୍କୀୟା ହୋଇଥାଇ ପାରନ୍ତି !

ଏଣେ ଦଲକାଏ ପବନରେ କେତୋଟି ପାଚିଲା ଆମ୍ବ ବୃନ୍ତଚ୍ୟୁତ ହୋଇ ଠୁସ୍‌ଠାସ୍ ତଳେ ଖସି ପଡ଼ିଲେ। ଜେନି ପ୍ରତି ଆମ୍ରବୃକ୍ଷର ଏ ଯେମିତି ସଂଭାଷିତ ସଂଭାର। ସେଇଗୁଡ଼ିକୁ ଗୋଟେଇ ଆଣି ଜେନି ସାମ୍ନାରେ ଥୋଇଲା ଆନନ୍ଦ। "ଭାରି ସ୍ୱାଦିଷ୍ଟ ଏ ଆମ୍ରଫଳ, ଚାଖିବେ ଏଥିରୁ ଗୋଟାଏ ?"

ଜେନି ଯାହା ଦେଖିଲା, ତାହା ସଂଭବତଃ ଦେଖି ପାରିଲା ନାହିଁ ଆନନ୍ଦ। ଭିନ୍ନ ଭାବାବେଶରେ ବୋଧହୁଏ ଆମ୍ବ ଗୋଟେଇବାରେ ମନ ଦେଇଥିଲା ସେ। ଯୁଗବତ୍ ଚତୁଃପାର୍ଶ୍ୱରେ ଏକାଧିକ ଘଟଣା ଘଟିଥାଏ ପ୍ରତି ମୁହୂର୍ତ୍ତରେ। ସାଧାରଣ ମଣିଷର ନଜର ସେ ସବୁକୁ ବାନ୍ଧିପାରେ ନାହିଁ ଚକ୍ଷୁରେ।

"ନିଶ୍ଚୟ।" କହିଲା ଜେନି। କିନ୍ତୁ.. ?" ଜେନି ଚାହିଁ ରହିଲା ଆନନ୍ଦକୁ।

"ଠିକ୍ ଅଛି, ମୁଁ ଏବେ ଏ ଗୁଡ଼ିକୁ ପରିଷ୍କାର କରି ଧୋଇ ଆଣୁଛି" କହି ଘର ଭିତରକୁ ଚାଲିଗଲା ଆନନ୍ଦ।

ବିଶ୍ୱାସ ଏବଂ ଅବିଶ୍ୱାସର ଦୁଇକୂଳକୁ ଛୁଇଁ ମନର ଗତି ଟିକେ ଚଳଚଞ୍ଚଳ ହୋଇ ପଡ଼ିଥିଲା ଜେନିର। ଅଳ୍ପକ୍ଷଣ ମଧ୍ୟରେ ସେଇଟା ଆୟତ୍ତ ହୋଇଗଲା ଏବଂ ସ୍ୱାଭାବିକ ଅବସ୍ଥାକୁ ସେ ଫେରି ଆସିଲା। ଏଇ ଦୁଇ ବର୍ଷର ଇତସ୍ତତଃ ଜୀବନଧାରା ଭିତରେ ବି ସେ କଦାପି ଯୋଗାଭ୍ୟାସ ଛାଡ଼ି ନଥିଲା। ଏଥିରୁ ତାକୁ ଲାଭ ମିଳୁଥିଲା ଅନେକ। ଖୁବ୍ ଅଳ୍ପକ୍ଷଣ ମଧ୍ୟରେ ମନର ଆବେଗ, ଉଦ୍‌ବେଗ ଓ ଆବିଳତାର ଆବେଶ ଭିତରୁ ଜେନି ଖୁବ୍‌ଶୀଘ୍ର ମୁକୁଳି ଆସିପାରେ। ଏ କ୍ଷେତ୍ରରେ ତାହାହିଁ ହେଲା।

କିନ୍ତୁ ଜେନିର ଅନୁମାନ ଥିଲା ସଂପୂର୍ଣ୍ଣ ସତ୍ୟ। କେତେକ୍ଷଣ ପରେ ସେ ଦେଖିଲା, ପ୍ରଶାନ୍ତି ହସି ହସି ଆସୁଛି ତା' ଆଡ଼କୁ। କୋଳରେ ତା'ର ତିନି ମାସର ଶିଶୁକନ୍ୟା। ପଛେ ପଛେ ଆନନ୍ଦ। ହାତରେ ତାର ଗୋଟେ ବଡ଼ ପ୍ଲେଟ୍‌ରେ ପାଚିଲା ଆମ୍ବ ସହିତ ଅନ୍ୟ କେତକ ଫଳ। ଜେନି ନିଶ୍ଚିତ ହେଲା, ଆନନ୍ଦ ଏଥିମଧ୍ୟରେ ପ୍ରଶାନ୍ତିକୁ ସ୍ତ୍ରୀ ରୂପେ ଗ୍ରହଣ କରି ନୂଆ ଜୀବନ ଆରମ୍ଭ କରିଛି।

"ମୋ ଝିଅ ବନାନୀ।" କହୁ କହୁ ତଉଲିଆରେ ଅର୍ଦ୍ଧ ଆବୃତ୍ତ ପିଲାଟିକୁ ପ୍ରଶାନ୍ତି ଧରେଇ ଦେଲା ଜେନି କୋଳରେ। ହାତଗୋଡ଼ ହଲେଇ ଖେଳୁଥାଏ ବନାନୀ। ମୁହଁରେ ତା'ର ଅସ୍ପଷ୍ଟ ଶବ୍ଦ। କେତେବେଳେ କୋକିଳର କୁହୁତାନ ପରି ତ, ଆଉ କେତେବେଳେ ପାରାବତର କୂଜନ ପରି।

ସଂପୂର୍ଣ୍ଣ ଅପ୍ରସ୍ତୁତ ହୋଇପଡୁଥିବା ଅବସ୍ଥାରେ ପିଲାକୁ କୋଳକୁ ନେଲା ଜେନି ଏବଂ ଛାତିରେ ଜାକି ଧରିଲା। ଆଦୌ ଅଲଗା ଲାଗିଲା ନାହିଁ। ଶିଶୁଟି ନୂଆ ସ୍ପର୍ଶ ପାଇ ଖିଲି ଖିଲି ହସି ଉଠିଲା। ସେ ହସ ସଞ୍ଚରିଗଲା ସଭିଙ୍କ ଓଠକୁ।

"କେବେଠୁଁ ତୁମର ଏ ନୂଆ ଜୀବନ ଆନନ୍ଦ ?" ଝିଅକୁ ଗେଲ କରୁ କରୁ ଆନନ୍ଦକୁ ଅନେଇ ପ୍ରଶ୍ନକଲା ଜେନି।

"ପୁରୀରେ ତୁମର ପ୍ରଥମ ରଥଯାତ୍ରା ଦର୍ଶନ ଠୁଁ।"- କହିଲା ଆନନ୍ଦ।

ଯା'ପରେ ଆନନ୍ଦ ବଖାଣିଥିଲା ସେଦିନର ପୂରା ଘଟଣା। ଆରମ୍ଭ କରିବା ପରେ ପ୍ରଶାନ୍ତି ଶିଶୁକନ୍ୟା ସହିତ ଫେରିଗଲା ଘର ଭିତରକୁ। ଗଲାବେଳକୁ ପ୍ରଶାନ୍ତିକୁ କହିଲା ଆନନ୍ଦ, "ମେମ୍‌ଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବ ପ୍ରଶାନ୍ତି।"

"ନାଇଁ ଆନନ୍ଦ। ମୁଁ ମଠକୁ ଏଇନେ ଫେରିଯିବି।"

"ତାହା କ'ଣ ସଂଭବ ଜେନି ? ତୁମ ସହିତ ମୋ ଘରେ ଥରୁଟିଏ ଏକତ୍ର ଭୋଜନ କରିବାର ସୁଯୋଗ ଦେବ ନାହିଁ ?" - ଆନନ୍ଦ କହିଲା।

ଆଉ କୌଣସି ପ୍ରତ୍ୟୁତ୍ତର କଲାନାହିଁ ଜେନି।

ଦୁଇବର୍ଷ ପୂର୍ବରୁ ପୁରା ଘଟଣାକ୍ରମକୁ ଗଭୀର ଆଗ୍ରହରେ ଶୁଣିବାକୁ ଲାଗିଲା ଜେନି। ଖୁବ୍ ବେଶି ଆବେଗପୂର୍ଣ୍ଣ ଢଙ୍ଗରେ ବର୍ଣ୍ଣନା କରୁଥିଲା ଆନନ୍ଦ। କହିବା ଏବଂ ଶୁଣିବା ଭିତରେ ଅନେକକ୍ଷଣ ବିତିଯାଇଥିଲା। କିନ୍ତୁ ସମୟ ଥିଲା ସ୍ଥିର। ଛାୟାଚ୍ଛନ୍ନ ଉଦ୍ୟାନର ପରିବେଶ ଏଥିପାଇଁ ଥିଲା ସଂପୂର୍ଣ୍ଣ ଅନୁକୂଳ।

ଆନନ୍ଦ ଲକ୍ଷ୍ୟକଲା, ସିମେଣ୍ଟ୍ ବେଞ୍ଚ ଉପରେ ସ୍ଥିର ଅବିଚଳିତ ଭାବେ ତା' ସମ୍ମୁଖରେ ବସି ରହିଛି ଜେନି ଧ୍ୟାନମଗ୍ନ ଯୋଗୀଟିଏ ପରି। କଥା ସରିଥିଲେ ବି ଟିକେ ଚଳନ ଦେଖାଯାଉନାହିଁ ମୁଖରେ କି ଅଙ୍ଗ ଭଙ୍ଗୀରେ। ଅବଶେଷରେ କହିଲା ଆନନ୍ଦ, "ବୁଝିଲ ଜେନି ! ସବୁ ସେଇ କାଳିଆର ଲୀଳା। କାକତାଳୀୟ ନ୍ୟାୟରେ ସେଇ ଗୋଟିଏ ଦିନରେ ଏତେସବୁ ଘଟଣା ଘଟିବାର ଥିଲା ? ମା'ଙ୍କୁ ଏଇ ଉଦ୍ୟାନରେ ଫୁଲ ତୋଳିବା ଅବସ୍ଥାରେ ସାପ କାମୁଡ଼ିବା, ହୋଟେଲ୍‌ରୁ ପ୍ରଶାନ୍ତିକୁ ମିଥ୍ୟା ଚୋରି ଅଭିଯୋଗରେ ବିତାଡ଼ିତ କରିବା, ସ୍ୱର୍ଗଦ୍ୱାର ନିକଟରେ ଘଣ୍ଟାଘଣ୍ଟା ଧରି ପ୍ରଶାନ୍ତି ମୋତେ ପ୍ରତୀକ୍ଷା କରିବା ଏବଂ ଶେଷରେ ଆକସ୍ମିକ ଭାବେ ତାକୁ ନେଇ ଘରକୁ ଫେରିବା- ଏ ସବୁ ଦୈବୀକୃତ ନୁହେଁ ତ ଆଉ କ'ଣ ?" ଟିକେ ରହି "ମଝିରେ ତୁମ ସହିତ ଦିନେ ଦେଖା ହୋଇଥିଲା ବଡ଼ଦାଣ୍ଡରେ। ସେଦିନ କିନ୍ତୁ ମୁଁ ପ୍ରଶାନ୍ତିର କଥା କହିପାରି ନଥିଲି। ପରିବେଶ ଓ ପରିସ୍ଥିତି ଆଦୌ ଅନୁକୂଳ ନଥିଲା ସେତେବେଳେ । ତେଣୁ ଜୀବନରେ ଘଟିଥିବା ଏତେବଡ଼ ଦୁର୍ଘଟଣା କିମ୍ବା ଘଟଣାକୁ ମୁଁ ସେଠି କହିପାରି ନଥାନ୍ତି। ସେଥିପାଇଁ ଏଇ ସମୟ ଓ ସ୍ଥାନ ପୂର୍ବରୁ ନିର୍ଦ୍ଧାରଣ କରି ରଖିଥିଲା ମହାକାଳ । ନୁହେଁ କି ?"

"ଏଥିରେ ମୋର ଦ୍ୱିମତ ନାହିଁ ଆନନ୍ଦ। ହ୍ୱାଟ୍ ଇଜ୍ ଟୁ ବି ମଷ୍ଟ୍ ବି। ସଂସାରରେ ଯାହା ଘଟୁଛି ଓ ଘଟିବ, ତାହା ପୂର୍ବରୁ ନିର୍ଦ୍ଧାରିତ ସରିଛି ଆନନ୍ଦ। ସବୁ ନିୟତିର ଖେଳ।"- କହିଲା ଜେନି। ପୁଣି "ଏଇ ଦେଖ, କି ଚମତ୍କାର ସଂଯୋଗ ସବୁ ଘଟିଗଲା ମୋ ଜୀବନରେ ?"

ଏହାପରେ ଜେନି ବଖାଣି ବସିଲା ନିଜ ଦୁଇବର୍ଷର ସଂକଟପୂର୍ଣ୍ଣ ଜୀବନର କାହାଣୀ - "ମଠରେ ସ୍ୱାମୀଜୀଙ୍କର ଧ୍ୟାନଯୋଗ ଓ କର୍ମଯୋଗର ମାର୍ଗଦର୍ଶନ, ରାଧିକାମାତାଙ୍କ ଜ୍ଞାନ ଓ ଉପଦେଶ, ବଡ଼ଦାଣ୍ଡରେ ଅବଧୂତ ବାବାଙ୍କର ଆଦେଶ ଓ ମାର୍ଗଦର୍ଶନ ଏବଂ ସର୍ବୋପରି ଗୋପପୁରରେ ପ୍ରକୃତିଦେବୀଙ୍କ କୋଳରେ ଦେଢ଼ବର୍ଷର ଜୀବନଯାପନ ମୋ ଭିତରେ ଗୋଟେ ନବଜୀବନର ପ୍ରାଣ ସଂଚାର କରିଥିଲା। ଶେଷରେ ପରାଜିତ ହୋଇଥିଲା ମୋ ଭିତରର ପ୍ରାଣଘାତୀ ଶତ୍ରୁଟି । ପ୍ରାଣମୂର୍ଚ୍ଛା ଲଢ଼େଇ କରିଛି ମୁଁ ତା ସହିତ । ଲଣ୍ଡନର ସାମୁଏଲ୍‌ଙ୍କ ଠାରୁ ଆରମ୍ଭ କରି ଗୋପପୁରର ପ୍ରକୃତିମାତାଙ୍କ ପର୍ଯ୍ୟନ୍ତ ସମସ୍ତେ ମୋତେ ମାର୍ଗ ଦେଖେଇଛନ୍ତି ଏବଂ ହାତରେ ଧରେଇ ଦେଇଛନ୍ତି ଭିନ୍ନ ଭିନ୍ନ ଅସ୍ତ୍ର। ମୋ ଭିତରେ ଆତ୍ମବିଶ୍ୱାସ ତିଆରି କରିଛନ୍ତି । ଦୂରୀଭୂତ ହୋଇଛି ଭୟ ଓ ସଂଚାର ହୋଇଛି ସାହସ । ଏସବୁ ହୋଇ ନଥିଲେ ମୁଁ ତ ମରିଯାଇଥାନ୍ତି ସେଇ ଲଣ୍ଡନରେ। ଡେଭିଡ୍‌ର ପରାମର୍ଶରେ ଭାଟିକାନ୍ ଗଲିନାହିଁ । ମୋର ଯେମିତି ଭାଟିକାନ୍ ଯିବାର ନଥିଲା। ନିର୍ଦ୍ଧାରିତ ଥିଲା ଅଦୃଶ୍ୟରେ ପୁରୀ ଆସିବାର । ସେମିତି ବି ନିର୍ଦ୍ଧାରିତ ଥିଲା ଭୁବନେଶ୍ୱର ବିମାନ ବନ୍ଦରରେ ତୁମ ସହିତ ସାକ୍ଷାତ ଓ ପରେ ପରିଚୟ ନିବିଡ଼ ହେବାର । ତୁମ ଉପରେ ମୁଁ ବିଶ୍ୱାସ ସ୍ଥାପନ କରିଥିଲି। ତୁମପ୍ରତି ମୋ ଭିତରେ ସେଇ ଦୃଢ଼ ବିଶ୍ୱାସ ଟିକକ ଜୀଇଁଛି ବୋଲି, ମୁଁ ଆସିଲି ତୁମ ପାଖକୁ, ତୁମ ଘରକୁ। ଦେଖିଲି ପ୍ରଶାନ୍ତିକୁ। ଦେଖିଲି ମଧ୍ୟ ତୁମ ଶିଶୁକନ୍ୟା ବନାନୀକୁ। ଗୋଟେ ଭରପୂର ପରିପୂର୍ଣ୍ଣତା ପାଇଗଲି ତୁମଠାରେ । ତାହାହିଁ ମୋର ଶେଷ ଅନୁଭବ। ତୁମର ପରିପୂର୍ଣ୍ଣତା କ'ଣ ମୋ ଜୀବନର ପରିପୂର୍ଣ୍ଣତା ନୁହେଁ ? ନିଜକୁ ଅନ୍ୟ ଭିତରେ ଦେଖିବା ଏବଂ ଅନ୍ୟ ଭିତରେ ଈଶ୍ୱରଙ୍କୁ ଉପଲବ୍ଧି କରିବା ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ସଂପତ୍ତି ଆନନ୍ଦ।" କହୁ କହୁ ଜେନିର ଆଖିରେ ଲୁହ ଜକେଇ ଆସିଲା ।

ଆନନ୍ଦ ହାତ ବଢ଼େଇ ଜେନିର ଆଖିରୁ ଲୁହ ପୋଛିଦେଲା । କହିଲା "ଏହି ମହତ୍ତର ଅନୁଭବ ସବୁ ମଣିଷଙ୍କୁ ମିଳେନା ଜେନି । କୋଟିକରେ ଗୋଟିଏ ମଣିଷ ଭିତରେ ଏମିତି ଅନୁଭବ ଆସିଲେ ଆସିପାରେ।"

ଜେନି କହିଲା "ଗୋପପୁରରୁ ଫେରି ଆସିଲି ପ୍ରଭୁଙ୍କର ସ୍ନାନ ଓ ଗୁଣ୍ଡିଚା ଯାତ୍ରା ଦେଖିବି ବୋଲି। ସ୍ନାନବେଦୀ ସମ୍ମୁଖରେ କାଳିଆର ସ୍ନାନନୀତି ଦେଖୁଥିଲା ବେଳେ ଆଖି ଛଳଛଳେଇ ଆସିଲା ତାଙ୍କ ରୂପଦର୍ଶନ କରି। ସେଇଠି ମନରେ ବାସନା ଜାଗିଲା, ଶ୍ରୀମନ୍ଦିର ଭିତରେ ରତ୍ନସିଂହାସନରେ ତିନି ଠାକୁରଙ୍କୁ ଦର୍ଶନ କରନ୍ତି ? ହେଲେ ଖ୍ରୀଷ୍ଟିୟାନ୍ ବିଧର୍ମୀ ବୋଲି ମୋର ସେ ଅଧିକାର ନାହିଁ। ଏ କଥା ମୁଁ ଜାଣି ଜାଣି ବି ଥରେ ଲୋକଗହଳି ଭିତରେ ପ୍ରବେଶ କରି ଯାଉଯାଉ ପଣ୍ଡାମାନଙ୍କ ହାତରେ ଧରାହୋଇ ଲାଞ୍ଛନା ଭୋଗିଛି। ଏଥରକ ସ୍ନାନଯାତ୍ରା ଦିନ ଯେଉଁ ବାସନା ଜାଗିଲା ହୃଦୟରେ, ସେଥିପାଇଁ ଅନଶନ କରି ପ୍ରାଣ ବିସର୍ଜନ କରିଦେବି ବୋଲି ସିଦ୍ଧାନ୍ତ ନେଲି। ତା' ପୂର୍ବରୁ ତୁମକୁ ଟିକେ ସାକ୍ଷାତ କରିବାର ବାସନାକୁ ରୋଧି ପାରିଲି ନାହିଁ। ମୋ ସଂକଳ୍ପ ପାଇଁ ତୁମର ସହଯୋଗ ଲୋଡ଼ି ଆସିଥିଲି। କିନ୍ତୁ ମୋତେ ଏଇଠି ତୁମ ଘରେ ଅସଲ ଶ୍ରୀମନ୍ଦିରର ଦର୍ଶନ ମିଳିଗଲା। ତୁମର ଉଦ୍ୟାନ, ତୁମର ଘର, ମୋ ପାଇଁ ଅସଲ ଶ୍ରୀମନ୍ଦିର ଓ ତୁମେ ତିନିଜଣ ମୋର ତିନି ଠାକୁର। ବାସ୍, ମୋର ଆଉ ଲୋଡ଼ାନାହିଁ ଶ୍ରୀମନ୍ଦିର ପ୍ରବେଶ କରିବା। ଅସଲ ଶ୍ରୀମନ୍ଦିରର ତ ସନ୍ଧାନ ମୋତେ ମିଳିସାରିଛି। ଏବେ ଯେତେବେଳେ ନାହିଁ ସେତେବେଳେ ମନଇଚ୍ଛା ପ୍ରବେଶ କରି ପାରିବି ଏ ମନ୍ଦିରରେ। ଲକ୍ଷ୍ମୀ ସ୍ୱରୂପା ପ୍ରଶାନ୍ତିର ହାତରନ୍ଧା ଅନ୍ନ ବ୍ୟଞ୍ଜନ ମହାପ୍ରସାଦ ତୁଲ୍ୟ ଆକଣ୍ଠ ଭୋଜନ କରିପାରିବି ଏଠି। ସେଥିରୁ କ'ଣ ମୋତେ ବଞ୍ଚିତ କରିବ ଆନନ୍ଦ ? ବିଧର୍ମୀ ବୋଲି ଦୁଆର ବନ୍ଦ କରିଦେବ ? ନା ପଣ୍ଡାମାନଙ୍କ ଭଳି ସିଂହଦ୍ୱାରରୁ ତଡ଼ିଦେବ ଲାଞ୍ଛନା ଦେଇ ?"

"ନାଇଁ ଜେନି ମାଡାମ ! ଏ ଦୁଆର ସବୁଦିନ ପାଇଁ ଉନ୍ମୁକ୍ତ ରହିବ ତୁମ ପାଇଁ। କେହି ତୁମକୁ ତଡ଼ି ଦେବେ ନାହିଁ।" କହିଲା ଆନନ୍ଦ ଓ ଖୁସି ହେଲା।

"ତୁମ କଥା ମୋ ମନରେ କେବଳ ଶାନ୍ତି ଆଣୁନାହିଁ, ସାନ୍ତ୍ୱନାର ସ୍ପର୍ଶ ପାଉଛି ମୁଁ ତହିଁରୁ।" କହିଲା ଜେନି।

"ଏହା ତ ଅତ୍ୟନ୍ତ ମାମୁଲି ଓ ସାଧାରଣ କଥା। ଚାହିଁଲେ ସବୁଦିନ, ମାନେ ଦେହାବସାନଯାକେ ଏଠି ରହିଯାଇ ପାର।"


ଜେନି ଅନୁଭବ କଲା, ତା' ଅନ୍ତର ଆନନ୍ଦରେ ପୂର୍ଣ୍ଣ ହୋଇ ଯାଉଛି। ବିଗତ ଜୀବନରେ ସେ ଯେତେ କଷ୍ଟ ଓ ଯନ୍ତ୍ରଣା ପାଇଛି, ସେଥିରୁ ସେ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିଛି। ଏଥିପାଇଁ ଆନନ୍ଦର ଭୂମିକା ଖୁବ୍ ବେଶି, କହିବାକୁ ଗଲେ ଅନେକ । ପ୍ରକୃତି ଦେବୀଙ୍କ ପାଖରୁ ସଂସାର ସମ୍ବନ୍ଧରେ ସେ ଯେତିକି ଜ୍ଞାନ ଆହରଣ କରିଛି ଏବଂ କୃତଜ୍ଞ ହୋଇଛି, ଆଜି ଆନନ୍ଦର ତ୍ୟାଗ ଓ ଭଲପାଇବା ତାକୁ ସେତିକି ଆନନ୍ଦରେ ପୂର୍ଣ୍ଣ କରିଛି। କହିଲା, "ମୋ ପାଇଁ ତୁମ ତ୍ୟାଗ ଅତୁଳନୀୟ ଆନନ୍ଦ।"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

## ପଢିବା ପରେ


# ସୁପର୍ଣ୍ଣା




ବିଶିଷ୍ଟ କବି ତ୍ରିଲୋଚନ ପଣ୍ଡାଙ୍କ ବଳିଷ୍ଠ ସମ୍ପାଦନାରେ ଭୁବନେଶ୍ୱରରୁ ପ୍ରକାଶିତ ରୁଚିପୂର୍ଣ୍ଣ ସାହିତ୍ୟ ପତ୍ରିକା ସୁପର୍ଣ୍ଣାର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟା ଆକର୍ଷଣୀୟ କଳେବର ନେଇ ଆତ୍ମପ୍ରକାଶ କରିଛି। ମଣିଷ ଜୀବନରେ ପୁସ୍ତକ ଏବଂ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅଗ୍ରଲେଖରେ ଏକ ସୁଦୀର୍ଘ ଆଲୋଚନା ରହିଛି ପୁସ୍ତକକୁ ନେଇ ସମ୍ପାଦକଙ୍କ ସକାରାତ୍ମକ ଆଲୋଚନା ଆଉ ଚମତ୍କାର ବିଶ୍ଳେଷଣ ପାଠକଙ୍କୁ ପୁସ୍ତକମନସ୍କ କରିବ।

ପ୍ରବନ୍ଧ ବିଭାଗରେ ଅନେକ ବିଶିଷ୍ଟ ଲେଖକଙ୍କ ବଳିଷ୍ଠ ଆଲୋଚନା ପତ୍ରିକାର ଶ୍ରୀବୃଦ୍ଧି କରିଛି।

ଦାଶ ବେନହୁର, ପ୍ରଶାନ୍ତ କୁମାର ଦାଶ, ବୈଷ୍ଣବ ଚରଣ ମହାନ୍ତି, ପ୍ରତୀତ କାଞ୍ଚନ ସାହୁ, ନିହାର ରଞ୍ଜନ ଶତପଥୀ, ଡ଼ ଅବଶ ପରିଡ଼ା, ମଞ୍ଜୁବାଳା ଦାସ ଏବଂ ପ୍ରଶାନ୍ତ କିଶୋର ପଟ୍ଟନାୟକଙ୍କ ପ୍ରବନ୍ଧ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବ। ଭଗବାନ ବେହେରା ଏବଂ ତ୍ରିଲୋଚନ ପଣ୍ଡାଙ୍କ ଅନନ୍ୟ ଅନୁଭୂତି ଏବଂ ଅଲୌକିକ ବର୍ଣ୍ଣନା ପତ୍ରିକାର ଅନ୍ୟତମ ଆକର୍ଷଣ। ସମସାମୟିକ ପତ୍ରପତ୍ରିକାଗୁଡ଼ିକରେ କବିତାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଏଥିରେ ଗଳ୍ପ ଅଧିକ ରହିଛି। ସତରଟି ମୌଳିକ ଗଳ୍ପ ବ୍ୟତୀତ ଦୁଇଟି ଅନୁବାଦ ସାହିତ୍ୟ ରହିଛି। ଗଳ୍ପରେ ବହୁ ପ୍ରବୀଣ ଗାଳ୍ପିକ ନିଜର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ଯଥା ଆନନ୍ଦ ଚନ୍ଦ୍ର ପହି, ଅର୍ଜୁନ ପୃଷ୍ଟି, ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଆର୍ଯ୍ୟ ଯଜ୍ଞଦତ୍ତ, ରବି ପଣ୍ଡା, ସୁରେନ୍ଦ୍ର ସାହୁ, ମନୋଜ କୁମାର ଜେନା, ଅନୁକମ୍ପା ପହି, ବାଦଲ ମହାନ୍ତି, କମଲ୍ଲିନୀ ମଲ୍ଲିକ, କୁସୁମ ପଟେଲ, ସୁଷମା ପରିଜା, ନିହାର ରଞ୍ଜନ ସାହୁବିଦ୍ୟାଧର ଗୁରୁ, ଆଶୁତୋଷ ଧଳ ଏବଂ ହାଡିବନ୍ଧୁ ମହାଖୁଡ଼। ଅନୁବାଦରେ ଅଛନ୍ତି ଡ଼ ବିନୋଦିନୀ ପାତ୍ର ଏବଂ ସବିତା ବାରିକ ରାଉତ। ଊଣେଇଶି ଗଳ୍ପ ସହିତ ସତରଟି କବିତା ଭିନ୍ନ ସ୍ୱାଦର କବିତା ରହିଛି। କବିତା ବିଭାଗଟି ସମୃଦ୍ଧ କରିଛନ୍ତି ମିନତୀ ମିଶ୍ର, ରକ୍ଷକ ନାୟକ, କିଶୋର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ଇଂ ସରୋଜ ମହାପାତ୍ର, ହିମାଂଶୁ ଶେଖର ମିଶ୍ର, ଶିଶିର କୁମାର ଜେନା, ଭକ୍ତ ମଲ୍ଲ, ଦୀନକୃଷ୍ଣ ମହାପାତ୍ର, ସଚ୍ଚିଦାନନ୍ଦ ବସ୍ତିଆ, କୁଳମଣି ବିଶ୍ୱାଳ, ଘୁଙ୍ଗୁର ମିଶ୍ର, ନମିତା ପାଇକରାୟ, ଶାନ୍ତିଲତା ପଣ୍ଡା, ଦୀପ୍ତି ମହାପାତ୍ର ଏବଂ ଗୀତାଞ୍ଜଳି ମହାନ୍ତି। ତ୍ରୟମାସିକ ସାହିତ୍ୟ ପତ୍ରିକା ସୁପର୍ଣ୍ଣା ଦୀର୍ଘପଥ ଅତିକ୍ରମ କରିବାର ସମ୍ଭାବନା ରଖେ।



ସମୀକ୍ଷା : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬୫

## ପତ୍ରିକା ସମୀକ୍ଷା




### ଲେଖାଲେଖି

ସମ୍ପାଦକ :
**ପ୍ରଦୀପ୍ତ କୁମାର ବେହୁରା**
ଠିକଣା : ବି.ଏଲ୍-୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର-୭୫୧୦୧୦
(ମୋ) ୯୯୩୭୪୭୬୧୭୩
୯୪୩୭୧୭୨୦୩୨

"ସାହିତ୍ୟ କେବେ ଡ୍ରାମା ହୋଇପାରେନା। ସାହିତ୍ୟ କେବେ ଭିଜୁଆଲ୍‌ରେ ସନ୍ତୁଷ୍ଟ ହୋଇ ପାରେନା। ସାହିତ୍ୟ କେବେ ଡିଜିଟାଲ ସଂସ୍କରଣରେ ସୀମିତ ରହିପାରେନା। ସାହିତ୍ୟ... ସାହିତ୍ୟ। ଡ୍ରାମା... ଡ୍ରାମା। ସାହିତ୍ୟ କେବେ ଡ୍ରାମାର ପରିଧିକୁ ଯିବାକୁ ଚାହେଁନା କି ଡ୍ରାମା କେବେ ସାହିତ୍ୟର ବିକଳ୍ପ ହେବାକୁ ଚେଷ୍ଟା କରେନା। ରାଇଟର୍ ... ରାଇଟର୍। ଡ୍ରାମା ଆର୍ଟିଷ୍ଟ... ଡ୍ରାମା ଆର୍ଟିଷ୍ଟ୍। ଡ୍ରାମା ଆର୍ଟିଷ୍ଟିଟି ମଞ୍ଚରେ/ ଭିଜୁଆଲ୍‌ରେ ମାତେ। ସେ ଜାଣେ ତା ଜୀବଦ୍ଦଶାରେ କି ତା ଯୁବାବସ୍ଥାରେ ରଙ୍ଗ ପାଉଡ଼ର୍ ମାଖି ସେ ଯଦି ଭଲ ନାଚି କିମ୍ବା ଅଭିନୟ କରି ଦର୍ଶକଙ୍କଠୁ ତାଳି ହାସଲ କରି ନପାରିଲା, ତେବେ ଅତିକ୍ରାନ୍ତ ବୟସରେ କିମ୍ବା ତା'ର ଅବସାନ ପରେ ତାହା ଆଉ ମିଳିବା କଷ୍ଟ। ହେଲେ ରାଇଟର୍ କ୍ଷେତ୍ରରେ ସେ କଥା ସମ୍ପୂର୍ଣ୍ଣ ଅଲଗା ହୋଇଥାଏ। ରାଇଟର୍‌ଟି ଭିଡ଼ କି ଗହଳିକୁ ଏଡ଼େଇ ଯାଇ ନିରୋଳା ନିଜାଞ୍ଜନରେ ବସି ସୁସ୍ଥ ମସ୍ତିଷ୍କରେ ଲେଖିଚାଲେ। ଲେଖିବା ତା'ର ଧର୍ମ। ହୁଏତ ତା' ଲେଖା ଆଜି ସମାଜ ଅଣଦେଖା କରିଛି, କିନ୍ତୁ ହଜାର ହଜାର ବର୍ଷ ପରେ ବି ତା' କାଳଜୟୀ ଲେଖା ଲୋକଲୋଚନକୁ ଆସିବ । ତେଣୁ ସେ ଆଜିକା ଦିନ ପାଇଁ ଲେଖେନାହିଁ । ସେ କାଳକୁ ଉଜ୍ଜୀବିତ କରି ଲେଖେ" ଭଳି ଚମତ୍କାର ଓ ଚିନ୍ତାଦ୍ୟୋତକ ସମ୍ପାଦକୀୟ ବକ୍ତବ୍ୟ ରଖିଛନ୍ତି ପ୍ରଦୀପ୍ତ କୁମାର ବେହୁରା।


ଏଥିରେ ବାଦ-ବିସମ୍ବାଦ ଶୀର୍ଷକରେ ପି.କେ. ଙ୍କ ପ୍ରସ୍ତୁତ 'ମେଲେଏ' ଗଳ୍ପର ଅନ୍ତରାଳେ ଶୀର୍ଷକ ଆଲେଖ୍ୟଟି ବେଶ୍ ରୋଚକ ଭଂଗୀରେ ଉପସ୍ଥାପନ କରିଥିବା ବେଳେ ଫିଚର୍ କ୍ରମରେ ମାନସ ରଂଜନ ମହାପାତ୍ର ଗଳ୍ପରେ ଗିରୀଶ ସାହୁ ଓ ଗାୟତ୍ରୀ ଆର୍ଯ୍ୟ ଓ ଉପନ୍ୟାସରେ ସହଦେବ ସାହୁଙ୍କ ଉପନ୍ୟାସ ପ୍ରକାଶ ପାଇଛି । ବର୍ତ୍ତମାନ ସମୟରେ ପତ୍ରପତ୍ରିକା ମାନଙ୍କରେ ଉପନ୍ୟାସ ପ୍ରକାଶ ପାଇବା ବିରଳ ହୋଇଥିବା ବେଳେ ସଂପାଦକ ପ୍ରଦୀପ୍ତ କୁମାର ବେହୁରାଙ୍କର ଏହା ଏକ ସାଧୁ ଉଦ୍ୟମ । କବିତାରେ ଭଗବାନ ଜୟସିଂହ, ସଦାଶିବ ଦାଶଙ୍କ ଲେଖା ସ୍ଥାନିତ ହୋଇଛି।

ଏତଦ୍ ବ୍ୟତୀତ ପତ୍ରିକାଟିରେ କବିତାର କଥା କ୍ରମରେ 'ତୁଚ୍ଛା ହାଲଚାଲ' ଶୀର୍ଷକ ଚର୍ଚ୍ଚା ମଧ୍ୟ ରହିଛି । ଲେଖକୀୟ ଫଟୋ ଫାଇଲ୍ କ୍ରମରେ ଏକ ସ୍ୱତନ୍ତ୍ର ପୃଷ୍ଠା ରହିଚି ଯେଉଁଥିରେ କି ବିଖ୍ୟାତ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଏକ ସ୍କେଚ୍ ସ୍ଥାନ ପାଇଛି, ଯାହା ପତ୍ରିକାଟିର ବିଶେଷତ୍ୱକୁ ଦର୍ଶାଉଛି ।

ପତ୍ରିକାଟି ୪୮ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏହାର ମୂଲ୍ୟ ୫୦ଟଙ୍କା ରଖାଯାଇଛି । ଏହାର ପ୍ରଚ୍ଛଦରେ ଓଡିଶାର ଦୁଇ ବିଶିଷ୍ଟ ସାହିତ୍ୟିକଙ୍କର ଫଟୋଚିତ୍ର ସ୍ଥାନ ପାଇଛି । ସେମାନେ ହେଲେ 'ନିଆଁଖୁଣ୍ଟା' ପତ୍ରିକାର ସଂପାଦକ ବିଶିଷ୍ଟ ଗାଳ୍ପିକ, କବି ଓ ବ୍ୟଙ୍ଗକାର ଗୋଦାବରୀଶ ମହାପାତ୍ର ଏବଂ ବିଖ୍ୟାତ କବି ରବି ସିଂ । ♥

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

## ପତ୍ରିକା ସମୀକ୍ଷା




### କାଠଯୋଡ଼ି

ବାର୍ଷିକ ବିଶେଷାଙ୍କ-୨୦୨୬

ସାଧାରଣ ସମ୍ପାଦକ :
**ବାବାଜୀ ଚରଣ ଜେନା**

ଠିକଣା : ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର, କଟକ-୭୫୩୦୦୪
ମୋ: ୯୪୩୭୮୩୪୭୧୯

"ସମୟ ସୀମା ଭିତରେ ଲେଖାଗୁଡ଼ିକ ପାଇଁ ଆହ୍ୱାନ ସତ୍ତ୍ୱେ ବହୁ ବିଳମ୍ବରେ ଲେଖାଗୁଡ଼ିକ ପହଞ୍ଚିଛି। ତଥାପି ସମସ୍ତ ସାରସ୍ୱତ ବିଭବକୁ ସମ୍ମାନ ଜଣାଇ ସ୍ଥାନିତ କରାଯାଇଛି। ବିନା ସରକାରୀ ବିଜ୍ଞାପନରେ ସାରସ୍ୱତ ପତ୍ରିକାଟିଏ ପ୍ରକାଶନ କରିବାର ଅସୁବିଧା ଅନୁଭବୀ ହିଁ ଜାଣିପାରିବ। ବହୁ ବାଧାବିଘ୍ନ ସତ୍ତ୍ୱେ 'କାଠଯୋଡ଼ି' ତା'ର ଗନ୍ତବ୍ୟ ପଥରେ, ସମସ୍ତଙ୍କ ସହଯୋଗରେ ଆଗେଇ ଚାଲିଛି। ଶବ୍ଦ ସଂଯୋଜକ ବିଭୁପ୍ରସାଦ ସାହୁ, ଗାଳ୍ପିକ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତଙ୍କ ସହ ସମ୍ପାଦନା ମଣ୍ଡଳୀଙ୍କୁ ଧନ୍ୟବାଦ।"

ସମ୍ପାଦକୀୟ ବକ୍ତବ୍ୟରେ ଏତକ କଥା ରଖିଛନ୍ତି ପତ୍ରିକାର ସାଧାରଣ ସମ୍ପାଦକ ବାବାଜୀ ଚରଣ ଜେନା।

ଏଥିରେ ଗୌର ପଟ୍ଟନାୟକ, ପ୍ରମିତା ପତି, ଉମାକାନ୍ତ ନାୟକ, ବିଦ୍ୟୁତଲତା ଭୂୟାଁ, ହରିଶ୍ଚନ୍ଦ୍ର ବେହେରା, ଡଃ ତୋଫାନ ଜେନା, ଯୋଗାନନ୍ଦ ସାହୁ, ସବିତାରାଣୀ ବେହେରା, ମହିଳା ଦଳବେହେରା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଡାକ୍ତର ବାସୁଦେବ ପ୍ରଧାନ, ଧନଞ୍ଜୟ ସ୍ୱାଇଁ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ହରପ୍ରିୟା ରାଉତରାୟ, ପ୍ରେମଚାନ୍ଦ ପଟ୍ଟନାୟକ, ପ୍ରସନ୍ନ କୁମାର ସ୍ୱାଇଁ, କମଳ କୁମାର ପଟ୍ଟନାୟକ, ଖଗେଶ୍ୱର ମହାରଣାଙ୍କ ଲେଖା ସ୍ଥାନିତ ହୋଇଥିବାବେଳେ ସନେଟରେ ମନୋଜ ପଟ୍ଟନାୟକ, ହିମାଂଶୁ ଆଚାରୀ, ଅଜୟ କୁମାର ବେହେରା, ନିରୁପମା କର, ଜ୍ଞାନ ଦାଶ, ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ଦାଶ, ହରମୋହନ ମିଶ୍ର, ଡାକ୍ତର, ପି.ଏନ ଗୌରାଙ୍ଗ, କୌଶିକ ନାୟକ, ପୂର୍ଣ୍ଣଚନ୍ଦ୍ର ବହଳୀ, ସୁଶାନ୍ତ ଦାସ, ବାସନ୍ତୀ ଦାସ, ନୃସିଂହ ତରାଇଙ୍କ କବିତା ପ୍ରକାଶ ପାଇଥିବାବେଳେ ଭକ୍ତିଗୀତିରେ ଡା. କମଳାକାନ୍ତ ନାୟକ, ଇଂ ସୌମ୍ୟ ରଂଜନ ସିଂହ, ସ୍ୱୟଂ ରଞ୍ଜନ ସାମଲ, କୈଳାସ ଚନ୍ଦ୍ର ପାତ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଡ. ବସନ୍ତ କିଶୋର ସାହୁ, ଡ. ଆରତି ତ୍ରିପାଠୀ, ଦେବେନ୍ଦ୍ର ନାଥ କର, ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ସଚ୍ଚି ମହାନ୍ତି, ପ୍ରାଧାପକ ଅଜୟ କୁମାର ମହାନ୍ତି, ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ, ରତ୍ନପ୍ରଭା ବାଇ, ବାମଦେବ ସ୍ୱାଇଁ, ସନ୍ଧ୍ୟାରାଣୀ ମିତ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ହରେକୃଷ୍ଣ ଗୌଡ଼, ସୌମେନ୍ଦ୍ର ମହାପାତ୍ର, ଡକ୍ଟର ସ୍ନେହାଶୀ ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ରାଉଳ, ମୈତ୍ରୀ ଭୂଷଣ ଖୁଣ୍ଟିଆ, ନୀଳକଣ୍ଠ ମିଶ୍ର, ମାନସ ରଂଜନ ସ୍ୱାଇଁ, ବାବାଜୀ ଚରଣ ରାଉତ, ବଂଶୀଧର ବେହେରା, ଦୁର୍ଗା ପ୍ରସାଦ ମିଶ୍ର, ମାନଗୋବିନ୍ଦ ଦାସ, ରାମକୃଷ୍ଣ ପାତ୍ର, ଜାହ୍ନବୀ ପଣ୍ଡାଙ୍କ ଲେଖା ସ୍ଥାନିତ ହୋଇଥିବାବେଳେ ଶିଶୁ କବିତାରେ ଡା. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ନୀଳମଣି ଚାନ୍ଦ, ସୁହଂସ ଭୋଇ, କବିଶ୍ରୀ ସୁରେନ୍ଦ୍ର ମହାପାତ୍ର, ରାଜକିଶୋର ସ୍ୱାଇଁ, ଶିଶିର ଜେନା, କୁନ୍ତଳା ମହାପାତ୍ର, ରାଜକିଶୋର ସ୍ୱାଇଁ, ଶିଶିର ଜେନା, କୁନ୍ତଳା ମହାପାତ୍ର, ନମିତା ମହାନ୍ତି, ଡ. ସୁନାମଣି ରାଉତ, ମିନଭା ସ୍ୱାଇଁ, ଶୁଭ୍ରାଂଶୁ ସତ୍ୟପ୍ରଜ୍ଞା ରାଉତ ପ୍ରମୁଖଙ୍କ ଲେଖା ପ୍ରକାଶ ପାଇଛି ।

ପ୍ରବନ୍ଧରେ ଇଂ. ସେବକ ଶ୍ରୀକାନ୍ତ, ରାଜକିଶୋର ମହାପାତ୍ର, ଚୌଧୁରୀ ବରଦା ପ୍ରସନ୍ନ ଦାସ, ବୈଷ୍ଣବେଶ ମହାପାତ୍ର ପ୍ରମୁଖ ଥିବା ବେଳେ ଗଳ୍ପରେ ସୁନନ୍ଦା ମହାନ୍ତି, ଗୀତାଞ୍ଜଳି ପୃଷ୍ଟି, ପ୍ରଜ୍ଞା ପାରମିତା ନାୟକ, ସତ୍ୟନାରାୟଣ ଗନ୍ତାୟତ, ସୁପ୍ରଭା ସାମଲ, ବିନୋଦିନୀ ଗଉଡ଼, କରୁଣାକର ପ୍ରଧାନ, ବିପ୍ଳବ, ଲକ୍ଷ୍ମୀପ୍ରିୟା ଓଝା, ସୁରଭି ଦ୍ୱିବେଦୀ, ଭଗବାନ ସାମଲ, ମଧୁସୂଦନ ସ୍ୱାଇଁ, ଜୟରାମ ସାହୁ, ହୃଷିକେଶ ମହାରଣା, ପ୍ରେମାନନ୍ଦ ଖଣ୍ଡୁଆଳ, ଅବିନାଶ ସେଠୀ, ଶଶିକାନ୍ତ ରାଉତ ପ୍ରମୁଖଙ୍କ ଲେଖା ସ୍ଥାନିତ ହୋଇଛି।

ପତ୍ରିକାଟି କାଠଯୋଡି ସାହିତ୍ୟ ସଂସଦ, କଟକ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିବା ବେଳେ ପତ୍ରିକାଟି ୨୪୦ ପୃଷ୍ଠା ସମ୍ବଳିତ ହୋଇଛି । ଏହାର ପ୍ରଚ୍ଛଦ ବେଶ୍ ପ୍ରତୀକାତ୍ମକ ହୋଇଛି । ପତ୍ରିକାଟିର ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି। ♥

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର,୧୨ ଜୁଲାଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com





# ସତ୍ ସଙ୍ଗର ଆଭିମୁଖ୍ୟ

## ସୁବାସ ଚନ୍ଦ୍ର ସାହାଣୀ

ସତ୍ୟ ସହ ସଂଯୁକ୍ତତା, ସତ୍ୟକୁ ଅନୁସରଣ କରିବା, ସତ୍ୟାନୁସନ୍ଧାନ ପ୍ରତି ଅନୁରାଗ,ସତ୍ୟକୁ ଭଲପାଇବା, ପ୍ରମେୟ ପ୍ରୀତିକୁ ଅଙ୍ଗୀକାର କରି ସତ୍ୟାଶ୍ରିତ ହେବା ମାନବୀୟ ମହତ୍ତ୍ୱବୋଧକୁ ପ୍ରତି ପାଦିତକରିବା। ତେବେ ସ୍ୱତଃ ପ୍ରଶ୍ନବାଚୀ ମନକୁ ଆନ୍ଦୋଳିତ କରେ ସତ୍ୟ କ'ଣ ? ଏହାର ବାସ୍ତବତା ମୌଳିକ ମୂଲ୍ୟବୋଧ ପ୍ରତି ଆମେ କେତେ ସଂବେଦନଶୀଳ ଶ୍ରୀମଦ୍ଭଗବଦ୍ ଗୀତାନୁସାରେ -

'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାତ୍ ପରିହାର୍ୟର୍ଥେ ନ ତ୍ୱଂ ଶୋଚିତୁର୍ହସି ।। (ଗୀତା-୨/୨୭)

'ଜୀବନ ଅୟାରାମ୍ଭଠୁଁ କ୍ରମ ଗତିଶୀଳ ମୃତ୍ୟୁ ପଥପର୍ଯ୍ୟନ୍ତ ଅବଲମ୍ବିତ ରେଖା ଅକଳ୍ପନୀୟ, ଅବିସଂବାଦିତ ଅଦ୍ଭୂତ, ଆଶ୍ଚର୍ଯ୍ୟ ଚକିତ ଅଲୌକିକ ବିସ୍ମୟ ଲୀଳାବୋଧ। ଅନିର୍ବାର୍ଯ୍ୟ ସତ୍ୟ ଚକ୍ର । ଜନ୍ମ ଓ ମୃତ୍ୟୁ ଖେଳ। ଅରୂପ ସହ ରୂପ। ଆତ୍ମା ସହ ଜିବାତ୍ମାର ସମ୍ମୋହନ କ୍ରିୟା। ଅଦୃଶ୍ୟ ଲୀଳାସ ସଂରଚନା। ଦୃଶରେ ପ୍ରକ୍ଷାଳନ। ରୂପ ମୋହ, ମାୟା, ଆସକ୍ତି, ଅନୁରାଗ, ସମ୍ପୃକ୍ତି। ଆମ ଅଗୋଚରରେ ମୋହନ ଲୀଳା ରଚୁଥିବା ଦିବ୍ୟ ଶକ୍ତି । ସେ ପୁଣି ଥାଏ ନିରାଡ଼ମ୍ବର, ନିର୍ଲିପ୍ତ, ଅନାବିଳ ପ୍ରକାରେ ଆମରି ଭିତରେ। ଦେଖା ଯାଉ ନଥିବା ରୂପର ମାଧୁର୍ଯ୍ୟ । ଆସୁଥାଏ ପୁନଃ ଯାଉଥାଏ। ଆପଣ ଇଚ୍ଛାର ସ୍ୱୀୟ ପ୍ରଭାରେ। ସେଇ ସତ୍ତା। ସେଇ ଦିବ୍ୟ ଶକ୍ତି ସହ ପରିଚିତି ହେବା ସତ୍ ସଙ୍ଗ । ଆହା କି ଅମୃତ ସନ୍ଧାନ ପଥ ଓ ପାଥେୟ। ସତ୍ୟକୁ ଚିହ୍ନିବା କ'ଣ ଏତେ ସହଜ ? ସତ୍ୟ ସହ ବନ୍ଧନ। ସତ୍ୟକୁ ଅନିଭବିବା। ସତ୍ୟ ସହ ନିରନ୍ତର ସମ୍ପର୍କ ଥାପିବା ନିଟୋଳ ହୃଦୟଟେ ଲୋଡ଼ା। ଆଲୋକ ଅନ୍ଧାର ବାଛିବା। ପ୍ରମେୟ ପ୍ରେମରେ ଭିଜିବା କୋଟି ଜନ୍ମ ପୁଣ୍ୟ କର୍ମ। ସଂସ୍କୃତରେ ଏହାର ସନ୍ଧି ବିଚ୍ଛେଦ କି ଅପୂର୍ବତାକୁ ଦର୍ଶାଏ? ଯଥା-ସତ୍-ସତ୍ୟ, ସଙ୍ଗ୍-ସଙ୍ଗୀତ। ଅର୍ଥାତ୍ ସତ୍ୟର ସଙ୍ଗୀତ। ପରମର ଆରାଧନା। ସତ୍ୟକୁ ପରଖିବା ଅବସଂଭାବ୍ୟ ହେଲେ ହେଁ ତା'ର ଆନୁଗତ୍ୟ ହୋଇ ଅନୁଭବିବା ଯୋଗ୍ୟତା ହାସଲ ପାଇଁ କାୟ, ମନ, ବାକ୍ୟରେ ନିଜକୁ ନିଜ ଭିତରେ ଅନୁଶୀଳିତ କରିବା ଶୁଦ୍ଧ, ପୂତ ପବିତ୍ର ଚିତ୍ତବୃତ୍ତି ସ୍ଥିରତା ଓ ବିଭୂ ଅନୁକମ୍ପା, ଆଶୀର୍ବାଦରେ। ସ୍ମରଣ ରଖିବା ଉଚିତ ଆମେ ସମସ୍ତେ ଅସୀମ, ଅନନ୍ତ ପୂର୍ଣ୍ଣ ସ୍ୱରୂପର ପୂର୍ଣ୍ଣ ଅଂଶ ବିଶେଷ। ଆମେ ଆନନ୍ଦ ରୂପୀସତ୍ୟରୁ ଉତ୍ସରିତହୋଇ ପୁନଃସତ୍ୟ ସହ ସଂଯୋଗ ସ୍ଥାପନା କରିବାପ୍ରୟାସ ଅର୍ଥରେ ସତ୍ ସଙ୍ଗତ୍ୱ ପ୍ରାପ୍ତି ପ୍ରତି ସାଧନାରେ ବ୍ରତୀ ହେବା। ଏହି ଅର୍ଥରେ ସମସ୍ତ ଜୀବଜଗତ ସତ୍‌ସଙ୍ଗ ପ୍ରତି ଧାର୍ଯ୍ୟତାକୁ ଅବଧାରିତ କରେ। ଆମେ ସମସ୍ତେ ସତସଙ୍ଗୀ । ସୃଷ୍ଟି,ସ୍ଥିତି,ବିଲୟ ଏହାର ପ୍ରକ୍ରିୟା । ଉପନିଷଦଶାନ୍ତିପାଠ ବର୍ଣ୍ଣିତ-

'ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାପୂର୍ଣ୍ଣଂ ମୁଦଚ୍ୟତେ ,
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣ ମେବା ବଶିଷ୍ୟତେ ॥'
ଶାନ୍ତିପାଠ-୧ ( ଇଶାଦୀ ନୌ ଉପନିଷଦ )

ବ୍ରହ୍ମତ୍ୱ ପରିମଣ୍ଡଳରେ ଯା' ଆତଯାତ ସବୁ କିଛି ପୂର୍ଣ୍ଣ। ଅତଃ ଓଁ ବୀଜ ମନ୍ତ୍ରସ୍ଥ ଅନ୍ତର୍ନିହିତ ମୂଳତତ୍ତ୍ୱ ଅଦ୍ୱୈତ ବେଦ। ପ୍ରଣବ ଝଙ୍କାର। ବ୍ରହ୍ମାଣ୍ଡ ସୃଷ୍ଟିର ଆଦ୍ୟ ମହାଧ୍ୱନି। ବ୍ରହ୍ମ ଆଦ୍ୟ, ନିରାକାର। ଅକାର, ଉକାର, ମକାର, ଶାଶ୍ୱତ ସତ୍ୟ ତତ୍ତ୍ୱରେ ସନ୍ନିହିତ । ଏଥିରୁ ଯା' ନିସୃତ ତା'ପୂର୍ଣ୍ଣ, ପୁନଃ ପୂର୍ଣ୍ଣସହ ମିଶ୍ରିତ ହୋଇ ପୂର୍ଣ୍ଣତା ପ୍ରାପ୍ତି ହୁଏ। ଧ୍ରୁବୀୟ ସତ୍ୟରୁ ମହାଧ୍ରୁବୀୟ ସତ୍ୟପ୍ରତି ପ୍ରଲମ୍ବିତ ମଧ୍ୟରେଖା ସୀମା ଜୀବନ ନ୍ୟେପଦୀ ।

କଥା ଭିତରେ ମହାକଥା। ସତ୍ୟକୁ ଉପଲବ୍ଧି କରିବା କ'ଣ ଏତେ ସହଜ କଥା? ଜନ୍ମ ସତ୍ୟ, ମୃତ୍ୟୁ ସତ୍ୟ ଧ୍ରୁବୀୟ। କିନ୍ତୁ ଏ ଧ୍ରୁବୀୟ ମଧ୍ୟଦେଇ ମହାଧ୍ରୁବୀୟ ତତ୍ତ୍ୱକ'ଣ ? ସତ୍‌ସଙ୍ଗ ଅର୍ଥ ସୂକ୍ଷ୍ମ ମୃତ୍ୟୁପ୍ରାପ୍ତି କରିବା ଅଭିଳାଷ ନା ଅନ୍ୟ କିଛି। ଅପ୍ରାସଙ୍ଗିକ ବୋଧହେଲେ ସାଧାରଣ ଅର୍ଥ ତ ଏହାକୁ ବୁଝାଏ।! ସତ୍ୟର ବି ବିଭାଜନ ଅଛି। ଯଥା- ଭୌତିକ ସତ୍ୟ, ଆଦି ଭୌତିକ ସତ୍ୟ, ଆଧ୍ୟାତ୍ମିକ ସତ୍ୟ, ଶାଶ୍ୱତ ସତ୍ୟ, ଚିରନ୍ତନ ସତ୍ୟ। ଭୌତିକ ବା ବସ୍ତୁଗତ ସତ୍ୟ-ଆମେ ଯା' ଦେଖୁ ତା'ଛବି ସମୂହ ଭୌତିକ ସତ୍ୟ କିନ୍ତୁ କ୍ଷଣସ୍ଥାୟୀ। ଦୃଶ୍ୟ ଭିତରେ ଅଦୃଶ୍ୟ ସତ୍ତାଟିଏ ମୁରୁକି ହସୁଥାଏ। ତାକୁ ଦେଖିବା ଆମ ସାମର୍ଥ ବହିର୍ଭୂତ । ଏଣୁ ଦିବାଲୋକରେ ଆମ ଅଜଣାରେ ଆମେ ଦୁର୍ଘଟଣାର ଶିକାର ହେଉ କିନ୍ତୁ ଏହା ଆମ ଅଗୋଚର ବଡ଼ ଦୁର୍ଭାଗ୍ୟ ସତରେ। ଆଦିଭୌତିକ ସତ୍ୟ- ଆମ ଦର୍ଶନ କ୍ରମୋତ୍ତରଣ ଦ୍ୱାରା ଭବିତବ୍ୟ ଭୋଗ୍ୟ ଫଳାଫଳ ସଂମ୍ପର୍କରେ ଅବଗତ ହେବାର ସାମର୍ଥ ହାସଲ କରିବାକୁ ଯୋଗ୍ୟ ହେବା । ଆଧ୍ୟାତ୍ମିକ ସତ୍ୟ -ଏ ଦ୍ୱୟ ମଧ୍ୟରୁ ଉତ୍ତରିତ ହୋଇ ଆତ୍ମା ସହ ସଂଯୁକ୍ତ ହୋଇଥାଏ। ଆତ୍ମା ନିର୍ଗୁଣୀୟ ସତ୍ତା। ଶରୀରସ୍ଥ ମଧ୍ୟରେ ଜୀବାତ୍ମା ଆଖ୍ୟା ପାଇ ସ୍ୱୟଂ କ୍ରିୟ ହୋଇ ଶରୀରକୁ କ୍ରିୟାଶୀଳ କରିଥାଏ ନିଚ୍ଛକ, ନିଷ୍କପଟ ଧର୍ମୀୟ ଧାରାରେ । ମଣିଷ ବିବେକାନୁମୋଦିତ ହୁଏ। ଶାଶ୍ୱତ ସତ୍ୟ - ପଦ୍ମପତ୍ର ଜଳ ଭଳି ଢଳ ଢଳ । କ୍ରିୟା, କର୍ମ ସମ୍ପାଦନାରେ ଥାଇ ଅସଲଗ୍ନ ହେବା। ସ୍ଥିତପ୍ରଜ୍ଞ ମୁଦ୍ରାରେ ରହିବା। ଚିରନ୍ତନ ସତ୍ୟ-ବ୍ରାହ୍ମଣତ୍ୱ। ସର୍ବତ୍ୱ ବ୍ରହ୍ମ ଦର୍ଶନରେ ବିଭୋରିତ । ପୁନଃ ଶ୍ରୀମଦ୍ଭଗବଦ୍‌ଗୀତାରେ ପରିଷ୍କାର ଭାବେ ଜୀବନ ପଥର ବିଭିନ୍ନ ସ୍ତରକୁ ଭିତ୍ତିକରି ଉପଦେଶ ବର୍ଣ୍ଣିତ ଯଥା-

'ଦେହିନୋସ୍ମିନ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହନ୍ତାର ପ୍ରାପ୍ତି ଧୀରୋସ୍ତତ୍ର ନ ମୁହ୍ୟତି ।।' (ଗୀତା-୨/୧୩ )

ଆମ ଜୀବନଚର୍ଯ୍ୟା ଭିତରେ ଲୁଚିଥିବା ଭୌତିକ ସତ୍ୟର କି ସୁନ୍ଦର ଉଦାହରଣ। ପ୍ରତି ନିୟତ ମୃତ୍ୟୁ ଓ ଜୀବନ ଖେଳ। ରୂପାନ୍ତରଣର ଅଭିନବ ଶୋଭା। ଆମ ଗୋଚରରେ ଥାଇ ବି ଆମକୁ ଅଗୋଚର ହେଉଥାଏ।

ବାଲ୍ୟରୁ ଶୈଶବ, ଯୌବନରୁ ପ୍ରୌଢ଼, ବୃଦ୍ଧାବସ୍ଥା ସବୁ ତ ଆମ ଦୃଶ୍ୟ ଜଗତର। ବିସ୍ମୟ ଭଳି ଲାଗେ। କିନ୍ତୁ ସେ ସବୁ ଥାଏ ଆମର। ଧରି ରଖି ହୁଏନା ତା' ଅବଲୀଳାୟିତ ଲୀଳା ସମୂହକୁ। ବିସ୍ମରଣରେ ହଜି ଯାଉଥାଏ। ଜଳ ଫୋଟକା ପରି ନିମିଷରେ ନିମିଷର ଅଦ୍ଭୂତ ଆବେଶରେ ଆମେ ବାନ୍ଧି ହେଉ। ଅନାଗତ ଶିଶୁ ପ୍ରତି କେମିତି ଆସକ୍ତି ଆପଣାକୁ ଛାଏଁ ବାନ୍ଧି ହୋଇଯାଏ ଅଜସ୍ର ପ୍ରେମାସକ୍ତ ମୋହ ଭାବନାରେ। ସବୁ ଭିତରେ ସେଇ ସତ୍ୟର ପ୍ରକାଶ ଦୀପ୍ତି ଝଟକୁ ଥାଏ । ସମ୍ପର୍କ ଯୋଡୁଥାଏ , ବିଚ୍ଛିନ୍ନ କରୁଥାଏ ଅହର୍ନିଶି ।

ଆମ ଜୀବନ ଚର୍ଯ୍ୟାକୁ ପ୍ରତି ନିୟତ ଆପଣା ଗୁଣ କର୍ମରେ ସ୍ୱଚ୍ଛ କରିବା ପ୍ରଯତ୍ନ ସତ୍ୟ ପ୍ରତି ଅନୁଗୃହିତ ହେବା । ବିଷ କୁମ୍ଭମ୍ ପୟୋ ମୁଖମ୍ ଆଚରଣ ସତ୍ ସଙ୍ଗର ପରିପନ୍ଥୀ। ଭାବକୁ ପରଖନ୍ତି ଭାବଗ୍ରାହୀ। ସେ ହିଁ ପରମ ସତ୍ୟ ଆଚାର, ଆଚରଣ ଦ୍ୱାରା ସତ୍ୟଗୁଣ ଦୟା, କ୍ଷମା, ତିତୀକ୍ଷା, ସେବା, ଅନୁକମ୍ପା, ସହଯୋଗ, ସାହାର୍ଯ୍ୟ, ମାନବୀୟ ସଂବେଦନ, ନିଃସ୍ୱାର୍ଥ, ସତ୍ୟବାଦିତା, ନିର୍ଭୀକତା ପ୍ରଭୃତି ସତ୍‌ସଙ୍ଗ ମହତମ ଉପାଦାନ।

ବିନୁ ସତ୍ ସଙ୍ଗ ବିବେକ ନହୋଇ, ରାମ କୃପା ବିନୁ ସୁଲ୍ଲଭ ନ ହୋଇ ।'
(ରାମଚାରିତ ମାନସ-ତୁଳସୀ ଦାସ ।)

'ଜାଡ୍ୟମ୍ ଧିୟୋ ହାରତି ବାଚି ସତ୍ୟଂ, ମାନୋନ୍ନତିଂ ଦିଶତି ପାପମପାକରୋତି ।
ଚେତଃ ପ୍ରସାଦୟତି ଦିକ୍ଷୁ ତ ନୋତି କୀର୍ତ୍ତି,
ସତ୍ୟ ସଂଗତିଃ କଥମ୍ କିମ୍ ନ କରୋତି ପୁସାଂମ୍ ?'
ନୀତିଶତକ ତ୍ରୟମ୍-ଭର୍ତ୍ତୃହରି।

ସତ୍ ସଂଗତି ବୁଦ୍ଧି, ଜଡତା ବିନାଶ କରି ବାଣୀରେ ସତ୍ୟର ସଂଚାର କରେ। ମାନ, ସମ୍ମାନ ବୃଦ୍ଧି ସହ ପାପ ସମୂହକୁ ଦୂରୀଭୂତ କରେ। ସ୍ୱୀୟ ଯଶ ଚତୁର୍ପାର୍ଶ୍ୱରେ ବିକଶିତ କରେ। ଅତଃ ସତ୍ ସଂଗତି ମନୁଷ୍ୟର କି କି ଶ୍ରୀବୃଦ୍ଧି ନକରେ? ସ୍ମରଣରଖିବାକୁ ହେବ,ସତ୍ ସଙ୍ଗ ଆଳରେ ସାମ୍ପ୍ରଦାୟିକ ହିଂସା, ଦ୍ୱେଷ, ଈର୍ଷା, ପରାଶ୍ରୀକାତରତା ଭଳି ଅମାନବୀୟ ଅମାନୁଷିକ ଚରିତ୍ର, ସତ୍ ସଙ୍ଗ ପରିପନ୍ଥୀ। ଯାହା ସାମ୍ପ୍ରତିକ ପ୍ରରିପ୍ରେକ୍ଷୀରେ ବହୁଳ ମାତ୍ରାରେ ଆମ ସମାଜରେ ପରିଦୃଶ୍ୟ ହୁଏ। ସତ୍ୟ ସହ ଧର୍ମ ଅଙ୍ଗାଙ୍ଗୀଭାବେ ଜଡିତ। ସତ୍ୟ ସାଗର ହେଲେ, ଧର୍ମ ତା' ଅନ୍ତରୀଣ ଉଚ୍ଛଳ ଉର୍ମୀ, ବିଶାଳ ବିସ୍ତୃତ ପରିଧି ପରିବ୍ୟାପ୍ତ ଜଳ କଳ କେଳିର ଦ୍ରାଘିମା । ସତ୍ୟ ସୂର୍ଯ୍ୟ ଧର୍ମ ପ୍ରକାଶର ଦ୍ୟୁତି ମାଧ୍ୟମ ଦେଇ ଅନ୍ଧକାର ବିମୋଚନ ବିସ୍ମୟ କଳାତ୍ମକ କ୍ରିୟା । ଆଧୁନିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ପାରଦର୍ଶିତା କଳାର ସାମର୍ଥ, ସଫଳ ରୂପାୟନ ଓ ଏଥିପ୍ରତି ଆମର ଦୃଢ଼ ପ୍ରତ୍ୟୟ ବୋଧ ଆସ୍ଥା, ବିଶ୍ୱାସ ହିଁ ତ ସତ୍ୟ ସହ ଧର୍ମର ସହଭାଗିତା ଆମ ସ୍ୱପ ବିଭବକୁ ବାସ୍ତବାୟିତ ରୂପ ଛବିର ଆକାର ଦିଏ। ଏ ସତ୍ୟ ଅନ୍ତରୀଣ ଶକ୍ତି ଭିତରେ କ୍ରିୟାଶୀଳ ଉତ୍ସ ଧର୍ମଧାରା ମାଧ୍ୟମରେ ପ୍ରତ୍ୟେକ ପଦର୍ଥୀୟ ଗୁଣ,କର୍ମ ଭାବକୁ ଆହରେ । ବ୍ରହ୍ମାଣ୍ଡ ସ୍ୱରୂପ ଏ କର୍ମ ବା କ୍ରିୟାଶୀଳ ପ୍ରବାହ ଦ୍ୱାରା ସର୍ବଦା ଓତଃପ୍ରୋତ ଜଡିତ। ଅଣୁ,ପରମାଣୁରୁ ଆରମ୍ଭ କରି ମହାକାଶର ଆକର୍ଷଣ, ବିକର୍ଷଣ ନିୟତ ଘଟୁଥିବା ଅଦୃଶ୍ୟ ପରିବର୍ତ୍ତନ ସହ ପୃଥିବୀର ମାଧ୍ୟାକର୍ଷଣ ସମୂହ ସତ୍ୟ ସହ ଧର୍ମର ଅପୂର୍ବ ଲୀଳାର ସଂଚାର। ଆମ ଜୀବନ ମଧ୍ୟରେ ଯେଉଁ ଅଦୃଶ୍ୟ ମହାଶକ୍ତି(ବ୍ରହ୍ମ) ଅବସ୍ଥାପିତ ଏବଂ ଏହାର କ୍ରିୟାପଦ ଆମ ସମସ୍ତ କ୍ରମବର୍ଦ୍ଧନଶୀଳ ରୂପ ଆକର୍ଷ, ଶକ୍ତି, ବୌଦ୍ଧିକ ବିକାଶ ହିଁ ସତ୍ ସଂଗର ଅପରିକଳ୍ପିତ ଧର୍ମଧାରାର ଅଲୌକିକ ଛବିଳ ମୂର୍ତ୍ତି। ସତ୍ୟ ସତ୍ୟକୁ ଅଧ୍ୟୟନ କରେ। କର୍ମପ୍ରଧାନ ଧର୍ମ ବୈଶିଷ୍ଟ୍ୟ ଆଧାରରେ ହୁଏ ସୁନ୍ଦର, ମହମିତ। ସତ୍ୟ ସର୍ବଦା ନିର୍ମଳ, ସ୍ୱଚ୍ଛ। ମଣିଷର ମାନବୀୟ ଗୁଣ ସତ୍ୟାଶ୍ରୟୀଦୟା, କ୍ଷମା, କରୁଣାତୀତୀକ୍ଷା, ସହନଶୀଳତା, ଧୈର୍ଯ୍ୟ, ଅନୁକମ୍ପା, ଅନୁରାଗ, ସ୍ନେହ, ସଦିଚ୍ଛା, ପ୍ରେମ, ମୈତ୍ରୀବୋଧ ପ୍ରଭୃତି ଏହାର ଅଙ୍ଗ ଭୂଷଣ।ଏହାର ଧର୍ମ କ୍ରିୟାପଦ ସତ୍ୟ ସହ ସଂଯୋଜିତ। ସାମ୍ପ୍ରତିକ ପ୍ରରିପ୍ରେକ୍ଷୀରେ ସତ୍ ସଙ୍ଗ ନାମରେ ବ୍ୟବସାୟୀ କରଣ, କପଟ, ହିଂସା, ଅସୂୟା, ଦ୍ୱେଷ, ପରଶ୍ରୀକାରରତା, ସତସଙ୍ଗର ମୌଳିକ ମୂଲ୍ୟବୋଧକୁ ବିନିଷ୍ଟ କରେନା କେବଳ, ବରଂ ସମାଜରେ ବିଭାଜନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରି ଅସ୍ଥିରତା ବାତାବରଣ ସୃଷ୍ଟି କରେ। ବିଶ୍ୱରେ ଯେଉଁ ଆଶାନ୍ତି ବାତାବରଣ ଅବଦୃଶ୍ୟ ଏ ଗୁଡିକ ସତ୍ ସଙ୍ଗ ମୋଳିକ ଧର୍ମ,ଗୁଣ କ୍ରିୟାର ପରିପନ୍ଥୀ। ସତ୍ୟ ଆଚରଣ ସ୍ଥିରୀକୃତ ହେଲେ ସତ୍‌ସଙ୍ଗ ମାହତ୍ମ୍ୟ ମହିମାନ୍ୱିତ ହୁଏ। ଏକଥା ବିସ୍ମରି ଗଲେ ସତସଙ୍ଗର ବିରୋଧିତା ହୁଏ ସିନା, ସତ୍ୟ ଓ ସତ୍ ସଙ୍ଗର ସଂଜ୍ଞା ନିରୂପିତ ହୁଏନା।

♥ ସା-ବୋଇତାଳୁ ପାଟଣା, ପୋଷ୍ଟ -ମୋହନପୁର
ଭାୟା-ବିଞ୍ଝାରପୁର -୭୫୫୦୦୪, ଜିଲ୍ଲା -ଯାଜପୁର
(ମୋ) -୭୩୮୪୨୫ ୧୧୪୬।

## ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ବିଜ୍ଞାନ, ବିବେକ ଓ ସମ୍ରାଟ : ସମ୍ବେଦନଶୀଳ ସେବାର ସୁଶାନ୍ତ ସମ୍ରାଟ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ



ଏକ ସୁଦକ୍ଷ ଚିକିତ୍ସକ, ସର୍ବପ୍ରଥମେ ଜଣେ ସୁନ୍ଦର, ସମ୍ବେଦନଶୀଳ ମଣିଷ । ଚିକିତ୍ସା ବିଜ୍ଞାନ କେବଳ କେତେକ ବ୍ୟବସ୍ଥାପତ୍ର (ପ୍ରେସକ୍ରିପ୍ସନ୍) କିମ୍ବା ଶାରୀରିକ ପ୍ରକ୍ରିୟାର ବ୍ୟାବସାୟିକ ବୃତ୍ତି ନୁହେଁ; ଏହା ହେଉଛି ବିବେକ ଓ ବିଶ୍ୱାସର ଏକ ସୁଗଭୀର ସଂକଳ୍ପ। ଐତିହାସିକ ହିପୋକ୍ରେଟିସ୍‌ଙ୍କ ସମୟରୁ ହିଁ ପ୍ରକୃତ ଚିକିତ୍ସକଙ୍କୁ ସେହି ସାର୍ଥକ ସମନ୍ୱୟ ପାଇଁ ଆହ୍ୱାନ କରାଯାଇଛି—ଯେଉଁଠି ସେ ବିଜ୍ଞାନ ସହିତ ସହାନୁଭୂତି ଏବଂ ସାମର୍ଥ୍ୟ ସହିତ ସାଧୁତାର ସଂଯୋଗ କରିପାରିବେ । ହିପୋକ୍ରେଟିକ୍ ଶପଥର ସେହି ସନାତନ ନୈତିକ ସ୍ୱର ଆମକୁ ସ୍ମରଣ କରାଇଦିଏ ଯେ, ସ୍ନେହ-ସହାନୁଭୂତି ବିନା ସାଇନ୍ସ (ବିଜ୍ଞାନ) ଯେପରି ଅସମ୍ପୂର୍ଣ୍ଣ, ସାମର୍ଥ୍ୟ ଓ ସଦ୍‌ଗୁଣ ବିନା ସେବା ସେପରି ଅସାର । ତେଣୁ, ଜଣେ ସୁଦକ୍ଷ ସେବକ ବୁଦ୍ଧି ଓ ସମ୍ବେଦନାର ସେହି ସ୍ୱର୍ଣ୍ଣିମ ସଙ୍ଗମସ୍ଥଳରେ ସୁଶୋଭିତ ହୋଇଥାନ୍ତି—ଯିଏ ସ୍ଥୂଳ ଶରୀରର ସଂସ୍କାର କରିବା ସହ ସନ୍ତପ୍ତ, ସୁକୋମଳ ମନକୁ ସାନ୍ତ୍ୱନା ସନ୍ତୋଷ ପ୍ରଦାନ କରନ୍ତି ।

ମାନବୀୟ ସଦ୍‌ଗୁଣର ସଂଜ୍ଞା କେବଳ ସାଂସାରିକ ସଫଳତାର ଶୀର୍ଷରେ ନାହିଁ, ବରଂ ବ୍ୟକ୍ତିଗତ ସ୍ୱଭାବର ସୁଗଭୀର ସାଧୁତା ଉପରେ ସୁପ୍ରତିଷ୍ଠିତ: ସଫଳତାରେ ସରଳତା (ନମ୍ରତା), ସଂକଟରେ ସହିଷ୍ଣୁତା, ସଂକଳ୍ପରେ ସାଧୁତା ଏବଂ ସଂସର୍ଗରେ ସହାନୁଭୂତି । ଯେତେବେଳେ ଏହି ସାର୍ଥକ ସାମାଜିକ ଗୁଣଗୁଡ଼ିକ ଚିକିତ୍ସା ଶାସ୍ତ୍ରର ସାମର୍ଥ୍ୟ ସହ ସମ୍ମିଳିତ ହୁଏ, ସେତେବେଳେ ଜଣେ ଏପରି ମହାନ ସେବକଙ୍କ ଆବିର୍ଭାବ ହୁଏ—ଯିଏ କେବଳ ରୋଗର ସଂହାର କରନ୍ତି ନାହିଁ, ବରଂ ସମ୍ମାନର ସୁରକ୍ଷା କରନ୍ତି, ଭଗ୍ନ ସ୍ୱପ୍ନକୁ ସଂଯୋଗ କରନ୍ତି ଏବଂ ସମ୍ଭାବନାର ସୁନ୍ଦର ସକାଳ ଆଣିଦିଅନ୍ତି ।

ଓଡ଼ିଶାର ଏହି ପବିତ୍ର ପୀଠରେ, ସେହି ସୁମହାନ ଚିକିତ୍ସା ଆଦର୍ଶର ସଜୀବ, ସାର୍ଥକ ସ୍ୱରୂପ ସାକାର ହୋଇଛନ୍ତି ।

### ସୁମହାନ ସାରସ୍ୱତ ସଂସ୍କାର ଏବଂ ସେବାର ସୁଲଳିତ ସ୍ୱର

କଟକର ପୁରୀଘାଟ ରୋଡ୍‌ରେ ସୁପ୍ରତିଷ୍ଠିତ 'ଦି ବ୍ରେନ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର' (The Brain and Research Center) ର ସୁଶାନ୍ତ ସୀମା ଭିତରକୁ ପ୍ରବେଶ କଲେ, ଏକ ସୁନ୍ଦର ସାତ୍ତ୍ୱିକ ସ୍ନିଗ୍ଧତାର ସ୍ପର୍ଶ ଅନୁଭୂତ ହୁଏ । ନିଜର ସ୍ୱର୍ଗତ ପିତା—ଓଡ଼ିଶାର ମାନସିକ ଚିକିତ୍ସା କ୍ଷେତ୍ରର ସୁପ୍ରସିଦ୍ଧ ସ୍ରଷ୍ଟା ତଥା ସଂସ୍କାରକ ଡାକ୍ତର ଗୋପାଳ କରଙ୍କ ସ୍ମୃତିପୂତ ସେବା-ପୀଠର ସାର୍ଥକ ସାନ୍ନିଧ୍ୟରେ, ଏହି କ୍ଲିନିକ୍ ଏକ ସୁଗଭୀର ସାରସ୍ୱତ ଓ ସାମାଜିକ ପରମ୍ପରା ବହନ କରୁଛି । ଡାକ୍ତର ଗୋପାଳ କର ଥିଲେ ଜଣେ ସୁଦୂରପ୍ରସାରୀ ସେବକ, ଯିଏ ଏହି ଅଞ୍ଚଳରେ ମାନସିକ ସ୍ୱାସ୍ଥ୍ୟ ସେବାର ସୁଦୃଢ଼ ସୀମାରେଖା ସ୍ଥାପନ କରିଥିଲେ । ତଥାପି, ଡାକ୍ତର ସମ୍ରାଟ କର କେବଳ ପିତୃପୁରୁଷଙ୍କ ସେହି ସୁନାମର ସୁରକ୍ଷିତ ଛାୟା ତଳେ ସୀମିତ ରହିନାହାନ୍ତି; ବରଂ ସେ ଏହି ସୁପବିତ୍ର ସେବା ସାଧନାକୁ ଏକ ସୁନ୍ଦର ସକାଳର ସୂର୍ଯ୍ୟାଲୋକକୁ ପାଛୋଟି ନେଇଛନ୍ତି, ଯେଉଁଠି ସାଥୀରେ ରହିଛି ତାଙ୍କର ସୁଶାନ୍ତ ସ୍ୱଭାବ ଏବଂ ଜଣେ ସାରସ୍ୱତ ସ୍ରଷ୍ଟା (କବି)ର ସୁକୋମଳ ସମ୍ବେଦନଶୀଳ ହୃଦୟ । ବର୍ଷ ବର୍ଷର ନିସ୍ୱାର୍ଥପର ସେବା ସାଧନା ମାଧ୍ୟମରେ ସେ ଓଡ଼ିଶାର ଜଣେ 'ସୁମଧୁର ସଂସ୍କାରକ ମାନସିକ ରୋଗ ବିଶେଷଜ୍ଞ' ଭାବରେ ସୁନାମ ଅର୍ଜନ କରିଛନ୍ତି—ଯିଏ ସୁଦ୍ଧ ମାନବିକତା ଦ୍ୱାରା ସନ୍ତପ୍ତ ମନକୁ ସୁସ୍ଥ କରନ୍ତି ।

ତାଙ୍କ ସେବା ସାଧନାର ସୁପବିତ୍ର ପରିବେଶରେ ତାଙ୍କ ନିଜ ବ୍ୟକ୍ତିତ୍ୱର ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳେ । ଡାକ୍ତର କରଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ମନେହୁଏ, ତାହା ସେବା, ସାଧନା ଓ ସୁଶାନ୍ତ ସମର୍ପଣର ଏକ ସାର୍ଥକ ଶିକ୍ଷାଶାଳା । ନିଜ ରୋଗୀମାନଙ୍କୁ ସେ ପିତୃପୁରୁଷଙ୍କ ପରି ସୁଗଭୀର ସ୍ନେହ ଓ ସରଳତାର ସହ ସାନ୍ତ୍ୱନା ପ୍ରଦାନ କରନ୍ତି; ଅତି ଜଟିଳ ମାନସିକ ସମସ୍ୟା ସମୟରେ ମଧ୍ୟ ତାଙ୍କ ସ୍ୱର କେବେ ସଂକୁଚିତ ବା ଉଗ୍ର ହୁଏନାହିଁ । ବରଂ, ତାଙ୍କ ଭିତରୁ ସ୍ଫୁରିତ ହେଉଥିବା ସୁଶାନ୍ତ, ସୁଦୃଢ଼ ଆତ୍ମିକ ଶକ୍ତି ସେହି ସନ୍ତପ୍ତ ସୀମା ଭିତରକୁ ଆସୁଥିବା ସମସ୍ତ ବିଚଳିତ ମନକୁ ସ୍ୱତଃସ୍ଫୂର୍ତ୍ତ ଶାନ୍ତି ଓ ସୁରକ୍ଷା ପ୍ରଦାନ କରେ ।

'ତାଙ୍କର ସେବା ଶୈଳୀ କେବେ ହେଲେ ସଂକ୍ଷିପ୍ତ ବା ବ୍ୟଗ୍ର ନୁହେଁ । ଏହି ସ୍ୱାର୍ଥପର, ସ୍ୱର୍ଦ୍ଧିତ, ସମୟହୀନ ସଂସାରରେ ସେ ରୋଗୀକୁ ପ୍ରଦାନ କରନ୍ତି ସୁପର୍ଯ୍ୟାପ୍ତ ସମୟର ସୌଭାଗ୍ୟ । ସେ ସୁଗଭୀର ସହାନୁଭୂତିର ସହ ଶୁଣନ୍ତି, ରୋଗୀର ଅକୁହା ସନ୍ତାପକୁ ସଂପୂର୍ଣ୍ଣ ଶୋଷି ନିଅନ୍ତି ଏବଂ ଅତି ସନ୍ତର୍ପଣରେ, ସୂକ୍ଷ୍ମ ଭାବରେ ପ୍ରତିଟି ରୋଗୀର ସବିଶେଷ ଇତିହାସ (Medical History) ସୁନ୍ଦର ଭାବେ ସଂଗ୍ରହ କରନ୍ତି ।'

ଚିକିତ୍ସା କ୍ଷେତ୍ର ଯେତେବେଳେ ସଂପୂର୍ଣ୍ଣ ବ୍ୟାବସାୟିକ ସଂକ୍ରମଣରେ ସଂକ୍ରମିତ, ସେପରି ଏକ ସମୟରେ ମଧ୍ୟ ଡାକ୍ତର କରଙ୍କ ସେବା-ସଂସ୍କାର ଅସାଧାରଣ ଭାବେ ସମ୍ବେଦନଶୀଳ । ତାଙ୍କର ସୁଚିନ୍ତିତ ବ୍ୟବସ୍ଥାପତ୍ର (ପ୍ରେସକ୍ରିପ୍ସନ୍) ଅତି ସ୍ୱଳ୍ପମୂଲ୍ୟର ସୁଲଭ ଔଷଧରେ ସୁସଜ୍ଜିତ, ଯାହାଦ୍ୱାରା ଆର୍ଥିକ ସଂକଟ ଯେପରି ରୋଗୀର ମାନସିକ ସନ୍ତାପକୁ ଆହୁରି ବଢ଼ାଇ ନଦିଏ । ତଥାପି, ତାଙ୍କର ସର୍ବଶ୍ରେଷ୍ଠ ସୁସମ୍ପର୍କିତ ଚିକିତ୍ସା ସେହି ସାଧାରଣ ଔଷଧ ଦୋକାନର ସୀମା ବାହାରେ । ସର୍ବନିୟନ୍ତା ସାଇଁ (ଈଶ୍ୱର)ଙ୍କ ଚରଣରେ ସୁପବିତ୍ର ସମର୍ପଣ ପୂର୍ବକ, ସେ ପ୍ରତ୍ୟେକ ରୋଗୀଙ୍କୁ ଶ୍ରୀଜଗନ୍ନାଥଙ୍କ ଏକ ସୁନ୍ଦର ସ୍ମରଣିକା (ଲକେଟ୍) ପ୍ରଦାନ କରନ୍ତି, ଏବଂ ସେମାନଙ୍କ ସୁସ୍ଥତା ପ୍ରକ୍ରିୟାରେ ସୁଦୃଢ଼ ବିଶ୍ୱାସର ସଞ୍ଚାର କରନ୍ତି । ଏହି ସୁମଧୁର ସଂସ୍କାର ମାନସିକ ଚିକିତ୍ସାକୁ ଏକ ସର୍ବୋଚ୍ଚ ଆଧ୍ୟାତ୍ମିକ ସାମର୍ଥ୍ୟ ପ୍ରଦାନ କରେ, ଯାହା ପାଶ୍ଚାତ୍ୟ ବିଜ୍ଞାନ ସହ ସ୍ଥାନୀୟ ସାଂସ୍କୃତିକ ସମ୍ପର୍କର ସେତୁ ସ୍ଥାପନ କରିଥାଏ ।

### ସନ୍ତପ୍ତ ମନର ସାର୍ଥକ ସମୀକ୍ଷା: ସୁଲେଖକ ଓ ସଂସ୍କାରକ

ଡାକ୍ତର କରଙ୍କ ସେବା-ସ୍ପର୍ଶ କେବଳ କଟକର ସେହି ସୀମିତ ସେବା-କକ୍ଷ ମଧ୍ୟରେ ସୀମାବଦ୍ଧ ନୁହେଁ । ମାନସିକ ଅସୁସ୍ଥତା ଯେ ସାମାଜିକ ସଂକୋଚ, ସଂଶୟ, ସଂକୀର୍ଣ୍ଣତା ଏବଂ ସୁଗଭୀର କୁସଂସ୍କାରର ଅନ୍ଧକାରରେ ସଂଘଟିତ ହୁଏ, ଏହା ସେ ସୁସୂକ୍ଷ୍ମ ଭାବେ ବୁଝିପାରିଛନ୍ତି । ତେଣୁ ଜଣେ ସଫଳ ସାରସ୍ୱତ ସ୍ରଷ୍ଟା ଭାବେ ସେ ସାମାଜିକ ପ୍ରତିବନ୍ଧକକୁ ସଂହାର କରିଛନ୍ତି । ସରଳ, ସୁବୋଧ ଶୈଳୀରେ ସେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅନେକ ସୁପ୍ରସିଦ୍ଧ ପୁସ୍ତକ ସୃଷ୍ଟି କରିଛନ୍ତି, ଯାହା ସାଧାରଣ ମଣିଷ ପାଇଁ ଜଟିଳ ମାନସିକ ଓ ମନସ୍ତାତ୍ତ୍ୱିକ ସମସ୍ୟାଗୁଡ଼ିକୁ ସହଜରେ ବୁଝାଇବାରେ ସମର୍ଥ ହୋଇଛି ।

ନିଜର ସୁଲଳିତ ଓଡ଼ିଆ ସାରସ୍ୱତ ସୃଷ୍ଟି ମାଧ୍ୟମରେ ସେ ମାନସିକ ସ୍ୱାସ୍ଥ୍ୟ ସଚେତନତାକୁ ଓଡ଼ିଶାର ପ୍ରତିଟି ସଂସାର (ଘର)କୁ ସଂପ୍ରସାରିତ କରିଛନ୍ତି:

ମନ କଥା ଜାଣନ୍ତୁ (Mana Katha Janantu): ଏକ ସୁଦୃଢ଼ ପ୍ରାଥମିକ ପୁସ୍ତକ, ଯାହା ମାନବୀୟ ସ୍ୱଭାବ ଓ ଆଚରଣର ସମସ୍ତ ଜଟିଳତାକୁ ସହଜରେ ବୁଝାଇଥାଏ ।

ମନରେ ଅଛି କଣ (Manare Achi Kana): ସୁନ୍ଦର ସାହିତ୍ୟିକ ଗଳ୍ପ ଶୈଳୀରେ ଲିଖିତ ଏକ ସୁଚିନ୍ତିତ ସମୀକ୍ଷା, ଯାହା ମନର ସଚେତନ (Conscious), ସବ୍‌କନସିଅସ୍ ଏବଂ ଅବଚେତନ ସ୍ତରକୁ ସୁନ୍ଦର ଭାବେ ସ୍ପଷ୍ଟ କରେ ।

ମାନସିକ ରୋଗ (Manasika Roga): ମାନସିକ ଅସୁସ୍ଥତାକୁ ନେଇ ସମାଜରେ ଥିବା ସଂକୋଚ ଓ ସଂଶୟକୁ ସଂହାର କରିବା ପାଇଁ ଏକ ସୁନ୍ଦର ସମର୍ପିତ ସୃଷ୍ଟି ।

ଏହି ସୁମହାନ ଚିନ୍ତାଧାରାକୁ ହିନ୍ଦୀ ପୁସ୍ତକ 'ମନ୍ କି ବାତ୍ ଜାନିଏ' ଏବଂ ଇଂରାଜୀ ପ୍ରବନ୍ଧ ସମୂହ ମାଧ୍ୟମରେ ପ୍ରକାଶ କରି ଡାକ୍ତର କର ମାନସିକ ସ୍ୱାସ୍ଥ୍ୟ ବିଜ୍ଞାନକୁ ସର୍ବସାଧାରଣଙ୍କ ପାଇଁ ସୁଲଭ କରିଛନ୍ତି । ତାଙ୍କ ଲେଖନୀ ସାଧାରଣ ମଣିଷକୁ ନିଜର ସମୀକ୍ଷା କରିବା, ସମୟୋଚିତ ସେବା ଗ୍ରହଣ କରିବା ଏବଂ ମସ୍ତିଷ୍କର ରୋଗ ଶରୀରର ଅନ୍ୟ ରୋଗ ପରି ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ ବୋଲି ସହଜରେ ବୁଝିବାରେ ସାହାଯ୍ୟ କରିଛି ।

### ସଞ୍ଚାର ମାଧ୍ୟମରେ ସୁଶାନ୍ତ ସ୍ୱର: ସମାଜ ସଚେତନତା

ସେହି ସୁନ୍ଦର ପୁସ୍ତକପୃଷ୍ଠାର ସୀମା ବାହାରେ, ପ୍ରଫେସର ଡାକ୍ତର ସମ୍ରାଟ କର ସାମାଜିକ ଗଣମାଧ୍ୟମର ସାମର୍ଥ୍ୟକୁ ବ୍ୟବହାର କରି ସମାଜରେ ଏକ ସୁସ୍ଥ ମାନସିକ ବାତାବରଣ ସୃଷ୍ଟି କରିଛନ୍ତି । ସୁପ୍ରସିଦ୍ଧ ସମ୍ବାଦପତ୍ରଗୁଡ଼ିକରେ ଜଣେ ସୁନିୟମିତ ସ୍ତମ୍ଭକାର (Columnist) ଏବଂ ଦୂରଦର୍ଶନ ତଥା ଆକାଶବାଣୀ କାର୍ଯ୍ୟକ୍ରମରେ ଜଣେ ସୁଯୋଗ୍ୟ ଆଲୋଚକ ଭାବରେ ତାଙ୍କର ସ୍ଥିତି ସାଧାରଣ ଜନତାଙ୍କ ପାଇଁ ସୁଗଭୀର ସାନ୍ତ୍ୱନାର ସ୍ରୋତ ସଦୃଶ । ବିଭିନ୍ନ ପ୍ରମୁଖ ସଂଚାର ଏବଂ ଆଧୁନିକ ଡିଜିଟାଲ୍ ମାଧ୍ୟମ—ଯେପରିକି ଆଞ୍ଚଳିକ ସମ୍ବାଦ ଚ୍ୟାନେଲ୍ ଏବଂ ବୃହତ୍ ପୋଡ୍‌କାଷ୍ଟଗୁଡ଼ିକରେ ତାଙ୍କର ସୁଚିନ୍ତିତ ସାକ୍ଷାତକାର ମାଧ୍ୟମରେ—ସେ ଆଧୁନିକ ସମାଜର ମାନସିକ ସନ୍ତାପ (Stress), ସଂଶୟ (Anxiety), ଅବସାଦ (Depression) ଏବଂ ଆବେଗିକ ଅସନ୍ତୁଳନ ଭଳି ସମସ୍ୟାର ସାର୍ଥକ ସମାଧାନ ପ୍ରଦାନ କରୁଛନ୍ତି ।

ସାଧାରଣ ଜନତାଙ୍କ ସହ ସଂପର୍କ ସମୟରେ ଡାକ୍ତର କର ଚିକିତ୍ସା ବିଜ୍ଞାନର ଜଟିଳ ଶବ୍ଦାବଳୀ ବ୍ୟବହାର କରନ୍ତି ନାହିଁ । ବରଂ ସେ ମାନସିକ ସାମର୍ଥ୍ୟ ବୃଦ୍ଧି ପାଇଁ ଅତି ସହଜ, ସରଳ, ଦୈନନ୍ଦିନ ସୁସଂସ୍କାର ଶୈଳୀ ବିଷୟରେ ବୁଝାନ୍ତି । ସେ ସିଜୋଫ୍ରେନିଆ, ଭୟ (Phobia), ନିଶାଗ୍ରସ୍ତତା ଏବଂ ଓସିଡି (OCD) ଭଳି ଗୁରୁତର ମାନସିକ ରୋଗର ପ୍ରାଥମିକ ସଙ୍କେତ ବିଷୟରେ ସରଳ ଭାବେ ବୁଝାଇଥାନ୍ତି ଏବଂ ପରିବାରର ସଦସ୍ୟମାନଙ୍କୁ କେତେବେଳେ ସୁଦକ୍ଷ ଚିକିତ୍ସକଙ୍କ ସାହାଯ୍ୟ ନେବା ସେ ସମ୍ପର୍କରେ ସୁପରାମର୍ଶ ଦିଅନ୍ତି । ଗଣମାଧ୍ୟମରେ ତାଙ୍କର ଏହି ସୁନ୍ଦର ଉପସ୍ଥିତି କେବଳ କୌଣସି ଶିକ୍ଷାଗତ ବକ୍ତବ୍ୟ ନୁହେଁ; ବରଂ ଏହା ସମାଜକୁ ସମାଲୋଚନାରୁ ଦୂରେଇ ସମୂହ ସହାନୁଭୂତି ଆଡ଼କୁ ଆକର୍ଷିତ କରିବାର ଏକ ସୁଗଭୀର ସଂକଳ୍ପ ।

### ସୀମାନ୍ତ ଅଞ୍ଚଳରେ ସେବାର ସଂପ୍ରସାରଣ: ସାମାଜିକ ସଂକଳ୍ପ

'ଦି ବ୍ରେନ୍ ଫାଉଣ୍ଡେସନ୍' (The Brain Foundation) ର ସୁଯୋଗ୍ୟ ପ୍ରତିଷ୍ଠାତା ତଥା ସଂସ୍କାରକ ଭାବରେ, ପ୍ରଫେସର ଡାକ୍ତର କରଙ୍କ ସର୍ବୋଚ୍ଚ ସଂକଳ୍ପ ହେଉଛି ସର୍ବସାଧାରଣ



ସମାନତା । ସେ ସୁସୂକ୍ଷ୍ମ ଭାବେ ଅନୁଭବ କରିଛନ୍ତି ଯେ, ଆଧୁନିକ ଚିକିତ୍ସା ପଦ୍ଧତି ଯେପରିକି ଆର-ଟିଏମଏସ (rTMS) ଏବଂ ସୁସଂଗଠିତ ମନୋଚିକିତ୍ସା (Psychotherapy) କେବଳ ସହରୀ ଧନିକ ଶ୍ରେଣୀର ବିଳାସପୂର୍ଣ୍ଣ ସୀମା ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ ।

ଚିକିତ୍ସା ସେବାର ଏହି ସୀମାହୀନ ପାର୍ଥକ୍ୟକୁ ଦୂର କରିବା ପାଇଁ ସେ ନିୟମିତ ଭାବେ ଭାରତର ସେହି ସୁଦୂର ଗ୍ରାମୀଣ ଅଞ୍ଚଳରେ ବୃହତ୍ ମାନସିକ ସ୍ୱାସ୍ଥ୍ୟ ସେବା ଶିବିରର ସଂଗଠନ ଓ ସଂଚାଳନ କରନ୍ତି, ଯେଉଁଠି ଚିକିତ୍ସାର ସର୍ବନିମ୍ନ ସୁବିଧା ମଧ୍ୟ ସଂପୂର୍ଣ୍ଣ ଅପହଞ୍ଚ । ଏହି ସେବାବଞ୍ଚିତ ସୀମାନ୍ତ ଅଞ୍ଚଳରେ ସେ ସଂପୂର୍ଣ୍ଣ ବିନାମୂଲ୍ୟରେ ରୋଗୀଙ୍କ ସମୀକ୍ଷା କରନ୍ତି, ଆବଶ୍ୟକ ମନସ୍ତାତ୍ତ୍ୱିକ ସାନ୍ତ୍ୱନା ପ୍ରଦାନ କରନ୍ତି ଏବଂ ସୁଲଭ ଔଷଧ ସଂପୂର୍ଣ୍ଣ ମାଗଣାରେ ବିତରଣ କରନ୍ତି । ତାଙ୍କର ଏହି ସେବା ସାଧନା ପାଇଁ ସେ ଅନେକ ସୁପ୍ରସିଦ୍ଧ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି—ଯେପରିକି ସମ୍ମାନଜନକ ପ୍ରଫେସର ଜି.ସି. ବରାଳ ପୁରସ୍କାର, ସିଦ୍ଧାର୍ଥ ମେମୋରିଆଲ୍ ପୁରସ୍କାର ଏବଂ ତାଙ୍କର ସୁଉଚ୍ଚ ବୈଜ୍ଞାନିକ ଗବେଷଣା ପାଇଁ ପ୍ରଫେସର ବି. ଦାସ ପୁରସ୍କାର । ଏହା ସହିତ, ଉତ୍କଳ ସାହିତ୍ୟ ସମାଜ ଏବଂ ଇଣ୍ଡିଆନ୍ ସାଇକ୍ରାଟ୍ରିକ୍ ସୋସାଇଟି ଭଳି ସୁପ୍ରସିଦ୍ଧ ସାରସ୍ୱତ ତଥା ବୈଜ୍ଞାନିକ ଅନୁଷ୍ଠାନ ସହିତ ତାଙ୍କର ସୁଦୃଢ଼ ସଂପୃକ୍ତି ଜଣେ ମନୀଷୀ ତଥା ସାଂସ୍କୃତିକ ସଂସ୍କାରକ ଭାବେ ତାଙ୍କର ବହୁମୁଖୀ ପ୍ରତିଭାକୁ ସୁସ୍ପଷ୍ଟ କରେ ।

### ଓଡ଼ିଶାର ସାର୍ଥକ ସେବା ସୌରଭ

ତାଙ୍କର ପ୍ରତିଟି ସୁସଂସ୍କୃତ ଆଚରଣରେ, ପ୍ରତିଟି ସାରସ୍ୱତ ଶବ୍ଦରେ, ପ୍ରତିଟି ସଂଚାର ମାଧ୍ୟମର ବାର୍ତ୍ତାରେ ଏବଂ ଗ୍ରାମୀଣ ସେବା ଶିବିରର ସୁଶାନ୍ତ ଚିକିତ୍ସାରେ, ପ୍ରଫେସର ଡାକ୍ତର ସମ୍ରାଟ କର ଚିକିତ୍ସା ବିଜ୍ଞାନ ଓ ଆତ୍ମିକ ବିବେକର ସେହି ଅପୂର୍ବ ସମନ୍ୱୟକୁ ସୁନ୍ଦର ଭାବେ ସାକାର କରିଛନ୍ତି । ସେ କେବଳ ଅସୁସ୍ଥ ମନର ଶାରୀରିକ ସଂସ୍କାର କରନ୍ତି ନାହିଁ, ବରଂ ସମଗ୍ର ସମାଜର ଆତ୍ମିକ ସାମର୍ଥ୍ୟକୁ ସୁଦୃଢ଼ କରନ୍ତି । ଏହି ସଂଶୟଗ୍ରସ୍ତ, ସନ୍ତପ୍ତ ସଂସାରରେ, ଯେଉଁଠି ଆବେଗିକ ସନ୍ତୁଳନ, ନୈତିକ ସାଧୁତା ଓ ସାର୍ଥକ ଚିକିତ୍ସା ନେତୃତ୍ୱର ସୁଗଭୀର ଆବଶ୍ୟକତା ରହିଛି, ସେଠାରେ ସେ ମାନବ କଲ୍ୟାଣର ଜଣେ ସୁଦୃଢ଼ ସୁରକ୍ଷାକାରୀ ସଦୃଶ ସୁଶୋଭିତ । ଡାକ୍ତର କର ଓଡ଼ିଶାର ମାନସିକ ସ୍ୱାସ୍ଥ୍ୟ ଆକାଶରେ ଏକ ସୁଉଚ୍ଚ ସ୍ମରଣୀୟ ଆଲୋକବର୍ତ୍ତିକା ଭାବରେ, ଏକ ସୁସ୍ଥ, ସୁନ୍ଦର ଏବଂ ସମ୍ଭାବନାପୂର୍ଣ୍ଣ ଓଡ଼ିଶା ଗଠନରେ ସଦା ସମର୍ପିତ ।

♥ କେଶଦୂରାପାଳ, କେଉଁଝର
(ମୋ)୯୯୩୮୧୭୫୧୦୦

## ଛୋଟ ଗଳ୍ପ

# ପ୍ରାୟଶ୍ଚିତ

## ସତ୍ୟନାରାୟଣ ପ୍ରଧାନ

ନିଧିଆ ପିଲାଦିନୁ ପାଠ ଦି ଅକ୍ଷର ପଢ଼ି ନାହିଁ ବୋଲି ତା ମନରେ ଦୁଃଖ ବୋଲି କିଛି ନାହିଁ । ସେ ଯାହା ଘରକୁ କାମ କରିବାକୁ ଗଲେ ପେଟେ ଖାଇ ଥନ୍ତଲା ପେଟକୁ ଦେଖାଇ ଫେରିବା ତାର ଗୋଟେ ନିତିଦିନିଆ ଅଭ୍ୟାସ। ତା ମନକୁ ଗର୍ବ କି ଅହଂକାର ବୋଲି କିଛି ଛୁଇଁ ପାରିନି । ସମସ୍ତଙ୍କ ସହିତ ମିଶିଯାଏ ମନରେ ପଛେ ଯେତେ ଦୁଃଖ ଥାଉ । କାମ କଲା ପଇସା ଯିଏ ଯାହା ଦେଲା ଅଳ୍ପ ବହୁତ ନ କହି ଆନନ୍ଦ ମନରେ ଘରକୁ ନେଇ ଆସେ। ଘର ସଂସାର ବୋଲି ସେ ନିଜେ ଆଗକୁ କି ପଛ ବୋଲି କେହି ନାହାଁନ୍ତି ।

ତାର ନିଜର ଭାଇ ମାନେ ବାହା ସାହା ହୋଇ ଘର ସଂସାର କଲେଣି । ପୁତୁରା ଝିଆରୀ ଦାଦି ବୋଲି ଡାକିଦେଲେ ସେ ବଡ଼ ପାଟିରେ 'ଓ' ବୋଲି କହି ପକାଏ । କେଉଁ ଭାଇ ପାଖରେ ବୋଝ ହୋଇ ରହିବା ଅପେକ୍ଷା ନିଜ ଭାଗରେ ଥିବା ଚାଳ ଘରକୁ ଭାଙ୍ଗି କୋଠା ଘରଟିଏ ତିଆରି କରିବ ବୋଲି କାମ କଲା ଟଙ୍କା ସାଇତି ରଖିଥିଲା। ନିଜେ ରହୁଥିବା ଘର ବର୍ଷା ପାଣିରେ ଭାଙ୍ଗି ଯିବାରୁ ସଞ୍ଚୟ କରିଥିବା ଟଙ୍କା ଗାଁ ମୁରବି ନିକଟରେ ରଖିବାକୁ ମନସ୍ଥ କରିଥିଲା । ତାର ଅନ୍ୟ ଭାଇମାନଙ୍କ ସହିତ ତାର ସେମିତି ଭଲ କି ଖରାପ ସମ୍ପର୍କ ବୋଲି କିଛି ନ ଥିଲା । ସମସ୍ତେ ନିଜ ଘର ସଂସାରରେ ବ୍ୟସ୍ତ ।

ଘର ତ ସମୟ ଅନୁସାରେ ଇଚ୍ଛା କଲା ପରେ ବି ସମ୍ଭବ ହୋଇ ପାରି ନ ଥିଲା । ଯେତେବେଳେ ଦରକାର ପଡେ ସେ ତାଙ୍କ ଠାରୁ ଆଣି ଖର୍ଚ୍ଚ କରେ । ସେ ତ ବିଶ୍ୱାସରେ ଦେଇଥିଲା ହିସାବ ବୋଲି କିଛି ଜାଣେନାହିଁ । ଦିନେ ବାକି ଟଙ୍କା କେତେ ଅଛି ବୋଲି ପଚାରିବାରୁ ଆଉ ନାହିଁ ଶୁଣିବାକୁ ପାଇଥିଲା । ଯାହା ତ ଥିଲା ସବୁ ଦେଇ ଦେଇଛି ତାଙ୍କଠାରୁ ଶୁଣି ଆଉ ବେଶି ସେ ବିଷୟରେ ଆଲୋଚନା ନ କରି ହାତ ଅଛି ତ ଭାତ ନିଶ୍ଚୟ ମିଳିବ ଭାବି ନେଇଥିଲା ।

ମନର ଅକୁହା କଥା କାହାକୁ କହି କି ଅବା ଲାଭ ଗାଁ ଲୋକମାନେ କେହି ମୁହଁ ଉଠାଇ କହିପାରନ୍ତି ନାହିଁ । ସେ ଲୋକଟି ଚତୁର ହେବା ସହିତ ସବୁ କଥା ତାକୁ ଜଣା ଥିଲା ଯେ କୌଣସି ଲୋକର ସମସ୍ୟା ଆସିଲେ ତାର ଉପାୟ ବାହାର କରିବାରେ ସିଦ୍ଧହସ୍ତ ଥିଲା । ଗାଁ ଗଣ୍ଡାରେ ତାର ନାଁ ଗଣା ହେଉଥିଲା । ନିଧିଆ ନିଜକୁ ଅସହାୟ ହେବାକୁ ନ ଦେଇ ପୁଣି ବଞ୍ଚିବାର ପ୍ରୟାସରେ ଆଗକୁ ବଢ଼ିଥିଲା । ଗାଁ ମୁରବି ଭଲ ମନ୍ଦ କଥାରେ ମୁଣ୍ଡ ପୁରାଇ ସହଯୋଗ ତ କରନ୍ତି କିନ୍ତୁ ତା ବଦଳରେ ଖର୍ଚ୍ଚ ଟଙ୍କା ଆକାରରେ ମାଗି ନିଅନ୍ତି ।

ନିଜେ ଯାହା ଗାଁ ଗଣ୍ଡାରେ କାମ କରି ରୋଜଗାର କରେ ଗୋଟେ ବଡ଼ ହାଣ୍ଡିରେ ମାଟି ତଳେ ପୋତି ଦିଏ । ଏପରି ଦୀର୍ଘ ତିନି ବର୍ଷ ବିତି ଯାଇଥିଲା । ତାର ସରଳ ନିଷ୍ପାପ ଗୁଣ ପାଇଁ ସମସ୍ତେ ତାକୁ ଭଲ ପାଇ କାମ କରିବାକୁ ପସନ୍ଦ କରନ୍ତି । କଠିନ ପରିଶ୍ରମ ବଳରେ ସେ ଦିନେ ସୁନ୍ଦର ଘରଟିଏ ତିଆରି କଲା । ଗାଁ ପିଲାମାନେ ତାକୁ ନିଧିଆ ଦାଦି ବୋଲି ଡାକିବା ଆରମ୍ଭ କରି ଦେଇଥିଲେ ।

ଗାଁ ମୁରବିଙ୍କ ବୟସ ବଢ଼ି ଯାଇଥିବାରୁ ଆଜି କାଲିର ପିଲାମାନେ ତାଙ୍କ କଥାରେ ଆଉ ଉଠ ବସ ହେଉ ନ ଥିଲେ । ମୁରବିଙ୍କ ଦୁଇ ପୁଅ ବାହା ସାହା ହେଲା ପରେ ନିଜ ସଂସାରରେ ବ୍ୟସ୍ତ । ଘର ବିଲ ବାଡ଼ି ସମ୍ପତ୍ତିକୁ ସେମାନଙ୍କ ଭିତରେ ଆଗ ଭଳି ସମ୍ପର୍କ ଭଲରେ ପଡୁ ନ ଥିଲା । ସେ ଦୁହେଁ ଅଲଗା ହୋଇ ବାପାଙ୍କୁ ଖାଇବାକୁ ଦେବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ । ମୁହଁ ଖୋଲି ନ କହି ପାରିଲେ ବି ସେ ନିଜ ରାସ୍ତା ଦେଖନ୍ତୁ ପରୋକ୍ଷରେ କହି ଦେଇଥିଲେ ।



ତାଙ୍କର ସକାଳେ ଚାହା ଜଳଖିଆ ଖାଇବା ଅଭ୍ୟାସ ଥିବାରୁ ଦିନେ କି ଦୁଇଦିନ ବାକି କରି ଖାଇ ଦେଇଥିଲେ । ଅଲଗା ଦିନରେ ମାଗି ଖାଇବାରୁ ଆଉ କେହି ଦେବାକୁ ମନା କଲେ। ପୁଅ ମାନଙ୍କ ଏପରି ବ୍ୟବହାରରେ ସେ ଆଉ କାହାକୁ ବା କହିବେ କେବଳ ନିଜ କର୍ମ ପାଇଁ ଦୁଃଖ ସହିବାକୁ ପଡିଲା ଏତେ ଦିନ ପରେ ବୁଝି ପାରିଥିଲେ । ନିଜ ପାପର ପ୍ରାୟଶ୍ଚିତ ପାଇଁ ଆଉ ଡେରି ନ କରି ସିଧା ଧାଇଁ ଯାଇଥିଲେ ନିଧିଆର ଘରକୁ । ସେ ଗାଁ ମୁରବିଙ୍କୁ ଦେଖି ମୋ ପାଖରେ କିଛି ଦରକାର ପଡିଲା କି ପଚାରିଲା । ସେ ନିଜ ଭୁଲ ପାଇଁ ନିଧିଆ ଗୋଡ଼କୁ ଧରି କ୍ଷମା ମାଗିବା ସହିତ ଜୀବନରେ ଶପଥ କରିଥଲେ ଆଉ କାହାରିକୁ ବଞ୍ଚିଥିବା ଯାଏ ଠକିବେ ନାହିଁ କି କାହାର ସୁଖ ଦୁଃଖରେ ଠିଆ ହୋଇ ଲାଞ୍ଚ ଆଶା କରିବେ ନାହିଁ । ମୁରବିଙ୍କ ଆଖିରୁ ବହି ଯାଉଥିବା ଲୁହକୁ ନିଧିଆ ନିଜ ଗାମୁଛାରେ ପୋଛି ଦେଇଥିଲା।

♥ ସା /ପୋ - ଅଣ୍ଡିଆ , ଯାଜପୁର
, ମୋ - ୯୧୭୮୩୧୩୬୪

# ମୟୂରଭଞ୍ଜର ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ସଙ୍କଟ: ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ

- ୨୬ଟି ବିଦ୍ୟାଳୟରେ ୨୩୧ରୁ ଅଧିକ ପଦବୀ ଖାଲି
- ଏପ୍ରିଲ ପରଠାରୁ ଅନେକ ବିଷୟରେ ପାଠ ବନ୍ଦ
- ୧୧ରେ ପରୀକ୍ଷା: ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

ବାରିପଦା, ୧୧/୭ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ଯୋଜନାରେ ଓଡ଼ିଶାର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଭାବରେ ପରିଚିତ ଆଦର୍ଶ ବିଦ୍ୟାଳୟ(ଓଏଭି)ଗୁଡ଼ିକ ଏବେ ଗମ୍ଭୀର ଶିକ୍ଷକ ସଙ୍କଟର ଶିକାର ହୋଇଛନ୍ତି। ବିନା ଖର୍ଚ୍ଚରେ ଓଡିଶାର ମେଧାବୀ ଶିକ୍ଷାର୍ଥୀ ଏହି ବିଦ୍ୟାଳୟରେ ବହୁ ଆଶା ରଖି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ ନାମ ଲେଖାଇଛନ୍ତି । ତେବେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ଓଏଭିରେ ଶିକ୍ଷକ ଅଭାବ ଚରମ ସୀମାରେ ପହଞ୍ଚିଛି। ଏପ୍ରିଲ ୧୭ ତାରିଖରୁ ପ୍ରାୟ ଦୁଇ ମାସ ଧରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ମଧ ଶ୍ରେଣୀ ହୋଇନାହିଁ। ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବୋର୍ଡ ପରୀକ୍ଷା ଆସୁଥିବା ସମୟରେ ଏହି ସଙ୍କଟ ସେମାନଙ୍କ ଭବିଷ୍ୟତକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏପ୍ରିଲ ମାସରୁ ହିନ୍ଦୀ, ସଂସ୍କୃତ, ସଙ୍ଗୀତ, କମ୍ପ୍ୟୁଟର ସାଇନ୍ସ, କେମିଷ୍ଟ୍ରି ପରି ବିଷୟଗୁଡ଼ିକରେ ନିୟମିତ ଶିକ୍ଷାଦାନ ବନ୍ଦ ରହିଛି। ରାଜ୍ୟସ୍ତରୀୟ ପିରିଓଡିକ ପରୀକ୍ଷା ଜୁଲାଇ ୬ରୁ ଆରମ୍ଭ ହୋଇଛି ମାତ୍ର ଶିକ୍ଷକ ସମସ୍ୟା ପାଇଁ ମୟୂରଭଞ୍ଜରେ ଜୁଲାଇ ୧୧ରୁ ଆରମ୍ଭ ହେବ। କିନ୍ତୁ ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା ଏବଂ ଉତ୍ତରପତ୍ର ମୂଲ୍ୟାୟନ ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଚିନ୍ତା ବଢ଼ୁଛି। ୨୬ଟି ଆଦର୍ଶ ବିଦ୍ୟାଳୟରେ ଖାଲି ପଡିଥିବା ମୋଟ ୨୩୧ରୁ ଅଧିକ ପଦବୀ ଖାଲି ପଦବୀ ମଧ୍ୟରେ ୧୧୯ରୁ ଅଧିକ ଟିଜିଟି ଶିକ୍ଷକ ରହିଛନ୍ତି । ତନ୍ମଧ୍ୟରୁ ୨୧ଟି ହିନ୍ଦୀ, ୧୫ଟିସଂସ୍କୃତ ଓ ୨୫ଟି ସଙ୍ଗୀତ ଶିକ୍ଷକ ପଦବୀ ଖାଲି ପଡିଛି । ସେହିପରି ୫୨ଟି ପିଜିଟି ପଦବୀ ଖାଲିଥିବା ବେଳେ ୧୪ଟି କମ୍ପ୍ୟୁଟର ସାଇନ୍ସ, ୧୨ଟି କେମିଷ୍ଟ୍ରି ଶିକ୍ଷକ ପଦବୀ ରହିଛି । ସେହିପରି ୨୬ଟି ଯାକ ବିଦ୍ୟାଳୟରେ ଲାଇବ୍ରେରିଆନ୍ ପଦବୀ ଖାଲି ପଡିଛି । ସର୍ବାଧିକ ଚିନ୍ତାଜନକ ମଧ୍ୟରେ ୩୪ଟି ପ୍ରଶାସନିକ ପଦବୀ ମଧ୍ୟରୁ ୨୫ଟି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ଫଳରେ ଦୈନନ୍ଦିନ ଏକାଡେମିକ ଯୋଜନା ଓ ପରୀକ୍ଷା ସମନ୍ୱୟ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି। ପଦବୀ ଖାଲି ପାଇଁ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରଭାବିତ ହେବା ସହିତ ଚଳିତ ଶିକ୍ଷା ବର୍ଷରେ ଶିକ୍ଷାଧାନ ସର୍ବାଧିକ ପ୍ରଭାବିତ ହେବ । ସମସ୍ତ ବିଦ୍ୟାଳୟରେ ଅତିଥି ଶିକ୍ଷକ ଅସ୍ଥାୟୀ ନିଯୁକ୍ତି ମାଧ୍ୟମରେ ପୂର୍ବ ବର୍ଷ ମାନଙ୍କରେ ଶିକ୍ଷାଦାନ ପାଇଁ ରାଜ୍ୟ ସ୍ତରରେ ମୟୂରଭଞ୍ଜର ଓଏଭି ଛାତ୍ରଛାତ୍ରୀ ପାରଦର୍ଶିତା ଲାଭ କରୁଥିଲେ । ପରନ୍ତୁ ଅତିଥି ଶିକ୍ଷକଙ୍କ ପୁନଃ ନବୀକରଣ ବା ନୂତନ ମନୋନୟନ କାର୍ଯ୍ୟ ଉଚ୍ଚନ୍ୟାୟାଳୟର ମାମଲା ପାଇଁ ପ୍ରଶାସନ ଅନାଗ୍ରହ ପ୍ରମୁଖ ସମସ୍ୟା ଆଣିଛି । ନିଜର ମେଧାବୀ ପିଲାଙ୍କୁ ଭଲ ଶିକ୍ଷା ଦେବାକୁ ଯାଇ ଅଭିଭାବକ ଗଣ ଓଏଭିରେ ନାମ ଲେଖାଇ ଏବେ ଅନୁତାପ କରୁଛନ୍ତି । ଆଗାମୀ ଦିନରେ ଏହାର ସମାଧାନ ନହେଲେ ସରକାର ନିନ୍ଦିତ ହେବା ସାର ହେବ ।

# ଡ. ପ୍ରେମାନନ୍ଦ ସେଠୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ଶ୍ରେଷ୍ଠ ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ସମ୍ମାନ

ବାଲେଶ୍ୱର, ୧୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳର ବାଣିଜ୍ୟ ବିଭାଗର ଅଧ୍ୟାପକ ତଥା ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାନନ୍ଦ ସେଠୀଙ୍କୁ ୨୦୨୫–୨୬ ବର୍ଷ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର "ଶ୍ରେଷ୍ଠ ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ" ସମ୍ମାନରେ ସମ୍ମାନିତ କରାଯାଇଛି। ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ କରକମଳରୁ ଡକ୍ଟର ସେଠୀ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର କୁଙ୍କୁମିନା ଦାସ ଏବଂ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଡ. ସେଠୀଙ୍କ ନେତୃତ୍ୱରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସାମାଜିକ ସଚେତନତା ଓ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଆସୁଛି। ତାଙ୍କର ଉଲ୍ଲେଖନୀୟ ନେତୃତ୍ୱ, ସାମାଜିକ ଦାୟିତ୍ୱବୋଧ ଏବଂ ସ୍ୱେଚ୍ଛାସେବା କ୍ଷେତ୍ରରେ ଅସାଧାରଣ ଅବଦାନକୁ ସ୍ୱୀକୃତି ଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।




ଡ. ସେଠୀଙ୍କ ଏହି ଗୌରବମୟ ସଫଳତା ପାଇଁ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ଗିରି, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ ଏବଂ ପୂର୍ବତନ ସ୍ୱେଚ୍ଛାସେବୀମାନେ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ଏହି ଅବସରରେ ଡ. ସେଠୀ ନିଜର ଏହି ସଫଳତାକୁ ସମସ୍ତ ପୂର୍ବତନ ଓ ବର୍ତ୍ତମାନର ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ, ସହକର୍ମୀ, ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍. ପରିବାର ଏବଂ ନିଜର ପୂଜ୍ୟ ପିତାମାତାଙ୍କୁ ସମର୍ପିତ କରିଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା ବାର୍ତ୍ତା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୭ (ନି.ପ୍ର): ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା ବାର୍ତ୍ତା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ। ମନ୍ତ୍ରୀ କହିଛନ୍ତି ଯେ, ଏହି ଦିବସ ଉପଲକ୍ଷେ ଆସନ୍ତୁ ଆମେ ପରିବାର ନିୟୋଜନ, ପରିବେଶ ସଂରକ୍ଷଣ ଏବଂ ସନ୍ତୁଳିତ ଜୀବନ ଶୈଳୀ ପାଇଁ ସମାଜରେ ସଚେତନ ବାର୍ତ୍ତା ବାଣ୍ଟିବାର ସଙ୍କଳ୍ପ ନେବା।

# ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୭ (ନି.ପ୍ର): ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ଲୋଇସିଂହାର ଲୋକପ୍ରିୟ ବିଧାୟକ ଡ.ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆପଣଙ୍କୁ ସୁଖୀ,ନିରୋଗ ଓ ଦୀର୍ଘାୟୁ କରିବା ସହ ଜନସେବା ପାଇଁ ଅସୀମ ଶକ୍ତି ପ୍ରଦାନ କରନ୍ତୁ ।

**AFFIDAVIT**

By virtue of an affidavit before the executive Magistrate Nilgiri, I Smt. Sushree Sangita Sahu, age about 39 yrs, W/o- Niranjan Sahu of vill/Po- Mahisapata, Ps.- Nilgiri, Dist- Balasore declare that, I am the mother of Priyanhu Sahu, For and of behalf of my minor son, I wholly renounce, relinquish and abandon the use of the former name of my minor son Priyanhu Sahu and in place thereof assume from the date hereof the name of such minor as Priyanshu Sahu. From now on he shall be known as Priyanshu Sahu for all purposes.

**Sushree Sangita Sahu**

# ଓଲମାରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର, ୧୧/୭ (ନି.ପ୍ର): ପରିବେଶର ସୁରକ୍ଷା,ବ୍ୟାପକ ବୃକ୍ଷରୋପଣ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ନିମନ୍ତେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଓଲମାରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । 'ସମ୍ବାଦ' ବାଲେଶ୍ୱର ସଂସ୍କରଣର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିବଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ।ସେଫ୍ ଏଲିଫେଣ୍ଟ ଫାଉଣ୍ଡେସନର ଅଧ୍ୟକ୍ଷ ଡ.ରଜନୀ କାନ୍ତ ଜେନା ଏଥିରେ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦତ୍ତ, ପ୍ରାକ୍ତନ ଜିଲ୍ଲା ଜଙ୍ଗଲ ଅଧିକାରୀ ଡ.ଦେବବ୍ରତ ସ୍ୱାଇଁ, ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ,ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି,ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ,ବରିଷ୍ଠ ବାମପନ୍ଥୀ ନେତା ଶିଶିର କୁମାର ହୁଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ଅଭିଭାଷଣରେ ବର୍ତ୍ତମାନର ସବୁଠାରୁ ବଡ଼ ସମସ୍ୟା ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପାୟନର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଶ୍ରେଷ୍ଠ ବିକଳ୍ପ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିବେଶ ପଞ୍ଚାୟତରେ ପ୍ଲାଷ୍ଟିକର ବର୍ଜନ କରିବା ସହ ବିଦ୍ୟାଳୟ,ଗ୍ରାମ ଓ ସହରାଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା ।ଏହା ସହିତ ଭୂତଳ ଜଳର ସ୍ତର ବୃଦ୍ଧି ଏବଂ ବର୍ଷା ଜଳ ଅମଳ ପ୍ରକ୍ରିୟାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବକ୍ତାମାନେ ପ୍ରକାଶ କରିଥିଲେ ଯେ,ପରିବେଶ ସୁରକ୍ଷିତ ରହିଲେ ହିଁ ମାନବ ସମାଜର କଲ୍ୟାଣ ସମ୍ଭବ ।ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ ଅତିକମରେ ଗୋଟିଏ ବୃକ୍ଷ ରୋପଣ କରିବା ସହ ତାର ସୁରକ୍ଷା ଦାୟିତ୍ୱ ନେବା ଉଚିତ ।ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ନିଜ ଅଞ୍ଚଳରେ ପରିବେଶ ପ୍ରଦୂଷଣ ରୋକିବା ଏବଂ ସବୁଜିମା ଭରିବା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱରର ଭାରପ୍ରାପ୍ତ ରେଞ୍ଜର ସଞ୍ଜୟ ମହାନ୍ତି, ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ପ୍ରଧାନ,ପ୍ରାକ୍ତନ ସରପଞ୍ଚ ଯତୀନ୍ଦ୍ର ମାହାନ୍ତି,ଦିଲ୍ଲୀପ କୁମାର ଗିରି, ପ୍ରାକ୍ତନ ସରପଞ୍ଚ ମନୋଜ ସାମ୍ମଲ, ପୂର୍ବତନ ପ୍ରାଧାପକ ଅଚ୍ୟୁତ ନାରାୟଣ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ,ପ୍ରାକ୍ତନ ସରପଞ୍ଚ ସତ୍ୟ ନାରାୟଣ ଦାସ,ଶିକ୍ଷାବିତ୍ ଡ.ଅଜିତ କୁମାର ମହାନ୍ତି, ବ୍ରଜ ଗୋପାଳ ରାଉତ, ଗବେଷକ ଅଚିନ୍ତ ଜେନା, ଅଶୋକ କୁମାର ଜେନା, ଶିକ୍ଷକ ସୁକୁମାର ପ୍ରଧାନ, ଅଭିରଞ୍ଜନ ଘୋଷ,ଅନନ୍ତ କୁମାର ଦାସ ଏବଂ ବସନ୍ତ ଦାସ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହା ସହିତ ଇଂ.ରତ୍ନାକର ରାୟ, ହେମନ୍ତ ଦାସ, ନବୀନ ବେହେରା, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସୁକୁମାର ରଣା, ଅମର ଆଚାର୍ଯ୍ୟ, ନବୀନ କୁମାର ସାହୁ, ଦିଲ୍ଲୀପ ସାମଲ, ଗଙ୍ଗାଧର ଦାସ, ମୋତିଲାଲ ଅଧିକାରୀ, ପ୍ରକାଶ ଚନ୍ଦ୍ର ଗୋସ୍ୱାମୀ,ଜହରଲାଲ ଅଧିକାରୀ,ଶ୍ରୀପତି ଘୋଷ,ନରହରି ପ୍ରଧାନ, ଜିଲ୍ଲା ଅବୈତ ପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ବ୍ରିଜେଶ ରଣା ଓ ରାସବିହାରୀ ରଣା ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ବାଦ ଜଳେଶ୍ୱର ପ୍ରତିନିଧି ସତ୍ୟବ୍ରତ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସମ୍ବାଦର ଜିଲ୍ଲା ପ୍ରତିନିଧି ଜିତେନ୍ଦ୍ର ଛଟେଇ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସଫଳ ସଚେତନତା ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ,ଅଧ୍ୟାପିକା ଏବଂ ସ୍ଥାନୀୟ ପରିବେଶ ପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



# ଭେନେଜୁଏଲାରେ ଦୁଇଟି ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୪,୦୦୦ ଅତିକ୍ରମ

ନୂଆଦିଲ୍ଲୀ, ୧୧/୭ : ଭେନେଜୁଏଲାରେ ଜୁନ୍ ୨୪ ତାରିଖରେ ଘଟିଥିବା ୭.୨ ଏବଂ ୭.୫ ତୀବ୍ରତାର ଭୟଙ୍କର ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୪,୧୧୮ କୁ ବୃଦ୍ଧି ପାଇଛି, ୧୬,୭୪୦ ରୁ ଅଧିକ ଆହତ ହୋଇଛନ୍ତି। ସାରା ଦେଶରେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି ଏବଂ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।ତୁର୍କୀ ନ୍ୟୁଜ୍ ଏଜେନ୍ସି ଆନାଡୋଲୁ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜାତୀୟ ପରିଷଦର ସଭାପତି ଜର୍ଜ ରୋଡ୍ରିଗେଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଭାଷଣ ଦେଇ କହିଛନ୍ତି ଯେ ଏପର୍ଯ୍ୟନ୍ତ ୮୬,୭୯୪ ପ୍ରଭାବିତ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉଦ୍ଧାର ଦଳ ୬,୪୬୨ଜଣଙ୍କୁ ସ୍ଥାନାନ୍ତର କରିଛି ।ଭୂମିକମ୍ପରେ ୮୫୬ କୋଠା କ୍ଷତିଗ୍ରସ୍ତ ହୋଇଛି, ଯେତେବେଳେ ୧୯୦ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ରିଲିଫ୍ ପ୍ରୟାସର ଅଂଶ ସ୍ୱରୂପ, କର୍ତ୍ତୃପକ୍ଷ ୯,୭୬୬ ମେଟ୍ରିକ୍ ଟନ୍ ଖାଦ୍ୟ ଏବଂ ୧୩.୯ ନିୟୁତ ଲିଟରରୁ ଅଧିକ ପାନୀୟ ଜଳ ବଣ୍ଟନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବୁଡ଼ିଗଲା ପର୍ଯ୍ୟଟକଙ୍କୁ ...

ବେଳେ ଅଶାନ୍ତ ଢେଉ ମାଡ଼ରେ ଓଲଟି ପଡ଼ି ବୁଡ଼ି ଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦୁର୍ଘଟଣା ସ୍ଥଳରେ ଓଲଟି ପଡ଼ିଥିବା ଡଙ୍ଗାକୁ ଦେଖି ନିକଟରେ ଥିବା ଅନ୍ୟ କେତେକ ପର୍ଯ୍ୟଟନ ଡଙ୍ଗା ମଧ୍ୟ ସେଠାକୁ ସାହାଯ୍ୟ ପାଇଁ ଚାଲି ଆସିଥିଲେ। ସେହି ଡଙ୍ଗା ଗୁଡ଼ିକ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଜଣେ ବୋଟ୍ ଚାଳକ କହିଛନ୍ତି ଯେ, ତାଙ୍କ ଡଙ୍ଗା ପ୍ରାୟ ୫ ମିନିଟ୍ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା। କିନ୍ତୁ ଅନେକ ଯାତ୍ରୀ ବୁଡ଼ି ଯାଇଥିବା ଡଙ୍ଗା ଭିତରେ ଫସି ରହିଥିବାରୁ ସେମାନଙ୍କୁ ବାହାର କରିବା ବେଶ୍ କଷ୍ଟକର ହୋଇପଡ଼ିଥିଲା। ତଥାପି ସେ କିଛି ଲୋକଙ୍କୁ ସୁରକ୍ଷିତ ବାହାରକୁ ଆଣିବାକୁ ସକ୍ଷମ ହୋଇଛନ୍ତି। ରିପୋର୍ଟ ଅନୁସାରେ, ଦୁର୍ଘଟଣା ସମୟରେ ଆନ୍ ଥୋଇ ସମୁଦ୍ର ବେଶ୍ ଅଶାନ୍ତ ଥିଲା। ଯଦିଓ ସେଠାରେ ବର୍ଷା ହେଉ ନଥିଲା, ତଥାପି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପର୍ଯ୍ୟଟନ ଡଙ୍ଗାଗୁଡ଼ିକ ଚଳାଚଳ କରୁଥିଲେ। ଏଥିଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ତଥାପି ପ୍ରଶାସନ ପକ୍ଷରୁ ଘଟଣାର ଯାଞ୍ଚ ଚାଲିଛି।

### ଇସ୍ତଫା ଦେଲେ ଆଉଜଣେ...

କଟକ ଚାଉଳିଆଗଞ୍ଜ ଆଇଆଇସି ବିଯୁଟି ମହାନ୍ତିଙ୍କ ଆତ୍ମହତ୍ୟା ପରେ ପୁଲିସ ଚାପରେ ଥିବା ପ୍ରସଙ୍ଗ ଜୋର୍ ଧରିଥିଲା । ଦିନକୁ ୧୮ ଘଣ୍ଟା ଡ୍ୟୁଟି, ଛୁଟି ମିଳୁନି, ଚାପ କମ୍ କରିବାକୁ ନୂଆ ପଦ ପୂରଣ ହେଉନି ଆଦି ଅଭିଯୋଗ କରିଥିଲା ପୁଲିସ ଅଫିସର ସଂଘ । ତେବେ ଲଗାତାର ୨ ଆଇପିଏସ୍‌ଙ୍କ ଇସ୍ତଫା ପରେ, ପ୍ରଶ୍ନ ଉଠୁଛି- କାହିଁକି ଇସ୍ତଫା ଦେଉଛନ୍ତି ଜଣଙ୍କ ପରେ ଜଣେ ଆଇପିଏସ୍? ମାନସିକ ଚାପ ନା ଇସ୍ତଫା ପଛରେ ଆଉ କିଛି କାରଣ? ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ପାଇଁ ବିଭାଗ କିଛି ତରିକା ଆପଣାଉନାହିଁ କାହିଁକି? ଜଣଙ୍କ ପରେ ଜଣେ ଆଇପିଏସ୍‌ଙ୍କ ଇସ୍ତଫା ଗୃହ ବିଭାଗର ଚିନ୍ତା ବଢ଼ାଇବନି କି? ଇସ୍ତଫା ପଛର କାରଣ ଜାଣିବାକୁ ଚେଷ୍ଟା କରିବେ କି ପୁଲିସ ବିଭାଗର ମୁଖିଆ?

### ପୁଣି ଘାରିଲାଣି ଲଘୁଚାପ...

ତେବେ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷାର ଆକଳନ କରାଯାଇଛି। ଜୁଲାଇ ଅଧାରୁ ଅଗଷ୍ଟ ମାସ ଅଧା ଭିତରେ ଧାନ ତଳି ରୁଆ ଓ ବେଉଷଣ କାମ ସରିବା କଥା। କିନ୍ତୁ ଏପର୍ଯ୍ୟନ୍ତ ଚାଷୀ ଧାନ ତଳି ପକାଇ ପାରିନାହାନ୍ତି। ଯେଉଁ କିଛି ସ୍ଥାନରେ ଧାନ ତଳି ପଡିଥିଲା ସେ ସବୁ ଗତ ଲଗାଣ ବର୍ଷାରେ ନଷ୍ଟ ହୋଇଛି କ୍ଷ ବର୍ଷା ଲାଗି ରହିଥିବାରୁ ତଳି ପକାଇବାକୁ ଆହୁରି ୧୦ ଦିନ ବିଳମ୍ବ ହୋଇପାରେ। ପାଣିପାଗ ବିଶେଷଜ୍ଞ କହିବା ଅନୁଯାୟୀ, ଏଲ୍-ନିନୋ ପ୍ରଭାବ ଯୋଗୁ ସେପ୍ଟେମ୍ବର, ଅକ୍ଟୋବରରେ କମ୍ ବର୍ଷା ହେବ। ତା'ର ପ୍ରଭାବରେ ଧାନ ଅମଳ ମଧ୍ୟ କମିବ । ତେଣୁ ଚାଷୀମାନଙ୍କୁ ମଧ୍ୟମ କିସମ ଅର୍ଥାତ୍ ଶହେ ଦିନିଆ ଧାନ ଚାଷ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରଥମେ କମ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥଲା ଏବେ ଅଧିକ ବର୍ଷା ଯୋଗୁ ଚାଷ ଆହୁରି ବାଧାପ୍ରାପ୍ତ ହୋଇଛି। ଏପରି ସ୍ଥିତିରେ ଏଲ୍‌ନିନୋ ଧାନ ଅମଳକୁ ପ୍ରଭାବିତ କରିବାର ଆଶଙ୍କା ବଢିଛି।

### ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବଡ଼ ...

କିନ୍ତୁ ଏହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ଜରୁରୀ ବୋଲି କହିଛନ୍ତି। ନାମଲେଖା ସମୟରେ କୌଣସି ଫି ନିଆଯିବନି ବୋଲି ସରକାର ସ୍ପଷ୍ଟ କଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକ କିଛି ଫି' ଆଦାୟ କରିବେନି ତ? ହଷ୍ଟେଲ ଫି', ଲାଇବ୍ରେରି ଫି', ରେଜିଷ୍ଟ୍ରେସନ୍ ଫି', ପରୀକ୍ଷା ଫି' ଆଦାୟ ହେବ କି ନାହିଁ? ଡେଭଲପମେଣ୍ଟ ଫି' ନାଁରେ ଅର୍ଥ ଦେବାକୁ ପଡ଼ିବନି ତ? ଛାତ୍ରଛାତ୍ରୀଙ୍କ ଠାରୁ ଫି' ଆଦାୟ ନ ହେଲେ ସରକାର ଶିକ୍ଷାନୁଷ୍ଠାନକୁ ଅତିରିକ୍ତ ଅନୁଦାନ ଦେବେ କି? ଏସଓପି ରେ ଏ ସବୁ ବାବଦରେ ସ୍ପଷ୍ଟ କରିବା ଜରୁରୀ ବୋଲି କହିଛନ୍ତି ଶିକ୍ଷାବିତ। କେଜି ରୁ ପିଜି ମାଗଣା ଶିକ୍ଷା ନେଇ ଗତ ୮ ତାରିଖରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। କିନ୍ତୁ ଏଥିରେ କିଛି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଦ୍ୱନ୍ଦ ଉପୁଜିଥିଲା। କିଛି ଶିକ୍ଷାନୁଷ୍ଠାନ ସରକାରଙ୍କ ନିର୍ଦ୍ଦେଶକୁ ନମାନି ଆଡମିସନ ଫି ଆଦାୟ କରିଥିଲେ।

### ପାଠ୍ୟପୁସ୍ତକ ତ୍ରୁଟି: କ୍ରାଇମବ୍ରାଞ୍ଚ ...

ନିକଟରେ ଏଫଆଇଆର ଦାଏର କରିବାକୁ ଏସ୍‌ସିଇଆରଟି ନିର୍ଦ୍ଦେଶକଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା। ଏହାବାଦ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଥାପି ପାଠ୍ୟ ପୁସ୍ତକ ଜନିତ ବିବାଦ ଥମୁ ନଥିବାରୁ ମୁଖ୍ୟମନ୍ତ୍ରୀ ଆଜି ଅପରାଧିକ ଦିଗର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିବାକୁ ଯାଉଛି। ପୂର୍ବରୁ ପାଠ୍ୟପୁସ୍ତକ ତ୍ରୁଟି ପଛରେ ଷଡ଼ଯନ୍ତ୍ର ଗନ୍ଧ ନିଜେ ମୁଖ୍ୟମନ୍ତ୍ରୀ ବାରିଥିଲେ। ସରକାରଙ୍କୁ ବଦନାମ କରିବାକୁ ପାଠ୍ୟପୁସ୍ତକରେ ଏପରି ତ୍ରୁଟି କରାଯାଉଥିବା ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପୂରା ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେଇଥିବା କୁହାଯାଉଛି। ବାସ୍ତବରେ ପାଠ୍ୟପୁସ୍ତକ ତ୍ରୁଟି ପଛରେ ଷଡ଼ଯନ୍ତ୍ର ହୋଇଛି କି ନାହିଁ, ତା'ର ଗୁମର କ୍ରାଇମବ୍ରାଞ୍ଚ ଖୋଲିବ ବୋଲି ସମସ୍ତେ ଆଶା ରଖିଛନ୍ତି। ହେଲେ କ୍ରାଇମବ୍ରାଞ୍ଚ କେବେ ତଦନ୍ତ ସାରିବ, ତା' ମଧ୍ୟ ବଡ଼ ପ୍ରଶ୍ନ।

### ବିଶ୍ୱ ମାନଚିତ୍ରରୁ ଇରାନକୁ ...

ଏବେ ବି ଶାନ୍ତି ଆଲୋଚନାର ଆଶା ସମ୍ପୂର୍ଣ୍ଣ ମରିନାହିଁ। କତାର ଦୁଇ ଦେଶକୁ ଶାନ୍ତି ବଜାୟ ରଖିବାକୁ ଅପିଲ କରିଥିବା ବେଳେ ପରଦା ପଛର କୂଟନୀତି ମଧ୍ୟ ଜାରି ରହିଛି। ତେବେ ଦେଖିବାର କଥା ଟ୍ରମ୍ପଙ୍କ ଏହି ଚେତାବନୀ ପରେ ଇରାନ ନିଜର ରଣନୀତି ବଦଳାଉଛି ନା ମଧ୍ୟପ୍ରାଚ୍ୟରେ ଏକ ଭୟଙ୍କର ବିଶ୍ୱଯୁଦ୍ଧର ପରିସ୍ଥିତି ସୃଷ୍ଟି ହେଉଛି।

### କଟକ ବିଜେଡି ରାଜନୀତିରେ ...

ଏକଦା କଟକ ବିଜେଡି ସଂଗଠନରେ ସର୍ବେସର୍ବା ଥିଲେ । କଟକରେ ବିଜେପିକୁ ମାତ ଦେଇ ବିଜେଡ଼ିକୁ ଶକ୍ତିଶାଳୀ କରିଥିଲେ । ହେଲେ ମାତ୍ର କିଛି ବର୍ଷ ଭିତରେ କଟକର ବିଜେଡି ଗଡ଼ ଭୁଶୁଡ଼ି ପଡିଛି । ଜଣେ ପରେ ଜଣେ ନେତା ବିଜେଡିରୁ ମୁହଁ ମୋଡ଼ି ଏବେ ବିଜେପି ମୁହାଁ ହେଉଛନ୍ତି । ସୂଚନା ଅନୁସାରେ ଆସନ୍ତାକାଲି, କଟକ- ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆସନ୍ତାକାଲି ପଦ୍ମ ଧରିବେ। ନିଜର ଶତାଧିକ ସମର୍ଥକଙ୍କ ସହ ବିଧିବଧ ଭାବେ ବିଜେପିରେ ସାମିଲ ହେବେ ବୋଲି ଜୋର ଧରିଛି ଚର୍ଚ୍ଚା। ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କଟକ- ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପସ୍ଥିତି। ଧାଡ଼ି ଧାଡ଼ି କରି କଟକ ନେତା ଦଳ ଛାଡୁଥିବାକୁ ନେଇ ଚିନ୍ତାରେ ମୁଖିଆ । କଟକର କିଛି ଆଗଧାଡ଼ିର ନେତା ଓ ତୃଣମୂଳସ୍ତରର ନେତାଙ୍କୁ ଡ଼ାକି ଆଲୋଚନା କରିଛନ୍ତି । ଯେଉଁ ଜାଗାରେ ନେତା ଛାଡୁଛନ୍ତି, ସେ ଜାଗାରେ ବିକଳ୍ପ ନେତୃତ୍ୱ ସୃଷ୍ଟି କରିବାକୁ କସରତ ଆରମ୍ଭ କରିଛନ୍ତି ସୁପ୍ରିମୋ । କିଛି ମାସ ପୂର୍ବରୁ ସୌଭିକ ବିଶ୍ୱାଳ ଓ ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରୀପାଠିଙ୍କୁ ଦଳ ତରଫରୁ ନିଲମ୍ବନ କରାଯାଇଥିଲା । ହେଲେ ଏହି ସବୁ ନିର୍ବାଚନମଣ୍ଡଳୀରେ ଏପର୍ଯ୍ୟନ୍ତ ବିକଳ୍ପ ନେତୃତ୍ୱ ସୃଷ୍ଟି କରିପାରିନି ବିଜେଡି। ୨୦୨୪ ନିର୍ବାଚନ ପରେ ପରେ ବାରବାଟି କଟର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ମଧ୍ୟ ଦଳ ଛାଡ଼ିଥିଲେ । ପ୍ରଭାତ ବିଶ୍ୱାଳ ଦଳ ଛାଡ଼ିବା ପରେ ଅନେକ କର୍ପୋରେଟର ମଧ୍ୟ ଦଳ ଛାଡୁଛନ୍ତି । ଯାହାକୁ ରୋକିବା ନବୀନଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି।

### ଭିଜିଲାନ୍ସକୁ ଦେଖି ବାଇକ୍‌ରେ ...

ଅଭିଯୋଗ ଅନୁଯାୟୀ, ୫ ତାରିଖରେ ଅଭିଯୋଗକାରୀ ଜମି ବିବାଦକୁ ନେଇ ନାଚୁଣୀ ଥାନାରେ ବିପକ୍ଷ ପକ୍ଷଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ। ସେହିପରି ବିପକ୍ଷ ପକ୍ଷ ମଧ୍ୟ ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ମାମଲା ରୁଜୁ କରିଥିଲେ। ଉକ୍ତ ଦୁଇଟି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏଏସଆଇ ଅକ୍ଷୟ କୁମାର ସେଠୀ। ସେହି ଦିନ ସନ୍ଧ୍ୟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ତେବେ ମାମଲାକୁ ଥାନା ସ୍ତରରେ ଫଇସଲା କରିବା ପାଇଁ ଏଏସଆଇ ସେଠୀ ଉଭୟ ପକ୍ଷଙ୍କଠାରୁ ୧୦,୦୦୦ ଟଙ୍କା (ପ୍ରତ୍ୟେକଙ୍କଠାରୁ ୫,୦୦୦ ଟଙ୍କା) ଲାଂଚ ଦାବି କରିଥିଲେ। ଅଭିଯୋଗକାରୀ ଓଡ଼ିଶା ବାହାରେ ନିଜ କାର୍ଯ୍ୟସ୍ଥଳକୁ ଫେରିବାକୁ ଥିବାରୁ ତାଙ୍କ ମାମଲାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ। ଏହାପରେ ଏଏସଆଇ ସେଠୀ ତାଙ୍କୁ ୧୦.୦୭.୨୦୨୬ ତାରିଖରେ ଏକ ଶପଥପତ୍ର (ଆଫିଡେଭିଟ୍) ସହ ୫,୦୦୦ ଟଙ୍କା ଲାଂଚ ନେଇ ଆସିବାକୁ କହିଥିଲେ। ଲାଂଚ ଟଙ୍କା ପାଇବା ପରେ ସେ ଆବଶ୍ୟକୀୟ କାର୍ଯ୍ୟ କରିଦେବେ ବୋଲି କହିଥିଲେ। ଲାଂଚ ଦାବିରେ ଅସନ୍ତୁଷ୍ଟ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସର ଏକ ଟିମ୍ ତୁରନ୍ତ କାର୍ଯ୍ୟରେ ଲାଗିଥିଲା ଏବଂ ଏଏସଆଇ ସେଠୀ ଲାଂଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଦୂରରୁ ନଜର ରଖିଥିଲା। କିନ୍ତୁ ଲାଂଚ ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍‌କୁ ଆସୁଥିବା ଦେଖି ଏଏସଆଇ ସେଠୀ ଏକ ନିଛାଟିଆ ଅନ୍ଧାରୁଆ ସ୍ଥାନରୁ ନିଜ ମୋଟରସାଇକେଲରେ ଲାଂଚର ୫,୦୦୦ ଟଙ୍କା ସହ ଫେରାର ହୋଇଯାଇଥିଲେ। ଘଟଣା ପରେ ନାଚୁଣୀ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଅକ୍ଷୟ କୁମାର ସେଠୀଙ୍କ ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ଓ ତଲାସି ଜାରି ରହିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ–୧୬, ତାରିଖ ୧୦.୦୭.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା–୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଲାଂଚ ମାମଲାରେ ଫେରାର ଏଏସଆଇଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି।

ରବିବାର, ଜୁଲାଇ ୧୨, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସୁରେଶ ପୂଜାରୀଙ୍କୁ ଘେରିଲେ ଦଳୀୟ କର୍ମୀ: ଭୁବନେଶ୍ୱରରେ ପଟିଆରା ଦେଖାଇଲେ ଅଳକା

ଭୁବନେଶ୍ୱର, ୧୧/୭ (ନି.ପ୍ର): ଝାରସୁଗୁଡା ରାଜନୀତିରେ ବଡ ହଲଚଲ। ଉଭୟ ଶାସକ ବିଜେପି ଓ ବିରୋଧୀ ବିଜେଡି ଦଳ ଭିତରେ ଦେଖିବାକୁ ମିଳିଛି ବଡ଼ ଫାଟ୍। ଉଭୟ ଦଳର ଅନ୍ତଃକନ୍ଦଳ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ଗୋଟିଏ ଦଳର ନେତା ଅନ୍ୟ ଦଳର ନେତାଙ୍କୁ ବିରୋଧ କରିବା ଆପଣମାନେ ଦେଖିଥିବେ। କିନ୍ତୁ ଝାରସୁଗୁଡାରୁ ଆସିଛି ଭିନ୍ନ ଚିତ୍ର। ..ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିରୋଧ କରିଛନ୍ତି ନିଜ ଦଳର କର୍ମୀ। ଝାରସୁଗୁଡ଼ା କନ୍ଦାଗାଡ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବାବେଳେ ମନ୍ତ୍ରୀଙ୍କୁ ବିରୋଧ କରିଛନ୍ତି କିଛି ଦଳୀୟ କମୀ। କିଛି ଲୋକ ସୁରେଶ ପୂଜାରୀ ଜିନ୍ଦାବାଦ କହୁଥିବା ବେଳେ ଆଉ କିଛି ବିରୋଧ କରିଛନ୍ତି। ଯାହାକୁ ନେଇ ମୁହଁମୁହିଁ ହୋଇଛନ୍ତି ସୁରେଶ ଓ ବିରୋଧୀ ଗୋଷ୍ଠୀ। ସୁରେଶଙ୍କ ବିରୋଧ ପଛରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ କେହି ମୁହଁ ଖୋଲି ନାହାନ୍ତି । ଏପଟେ ଭୁବନେଶ୍ୱରରେ ପହଞ୍ଚିଛି ଝାରସୁଗୁଡା ବିଜେଡ଼ି ଅନ୍ତଃକନ୍ଦଳ। ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଶତାଧିକ ସମର୍ଥକଙ୍କୁ ଧରି ବିଶାଳ ଶୋଭାଯାତ୍ରା କରି ପଟିଆରା ଦେଖାଇଛନ୍ତି। ନବୀନ ନିବାସ ଯାଇ ନବୀନଙ୍କୁ ଭେଟି ଝାରସୁଗୁଡା ବିଜେଡିର ସ୍ଥିତି ନେଇ ଆଲୋଚନା କରିଛନ୍ତି। ତେବେ ଗଣମାଧମ ସାମନାରେ କଥା ବୁଲାଇଛନ୍ତି ଅଳକା। ସୁରେଶ ପୂଜାରୀ ଓ ଟଙ୍କଧରଙ୍କ ସମ୍ପର୍କ କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରଥମ ଥର ପାଇଁ ଦାଣ୍ଡରେ ପଡ଼ିଛି ଦୁଇ ନେତାଙ୍କ ଭିତରେ ଥିବା କଳି। ସେହିପରି ଅଳକା ମହାନ୍ତି ଓ ଦୀପାଳ ଦାସଙ୍କ ଲଢ଼େଇ ବି ଦୀର୍ଘ ଦିନର। ତେଣୁ ଝାରସୁଗୁଡା ରାଜନୀତି କେଉଁ ମୋଡ ନେଉଛି ତା ଉପରେ ନଜର।

## ନୀଳଗିରି ଶ୍ରୀଜଗନ୍ନାଥରେ କୋଟିଏ ଟଙ୍କାର ଗାଡି ଆସୁଛି କଳାସାଆନ୍ତ ଭଜନ ଉନ୍ମୋଚନ



ନୀଳଗିରି , ୧୧/୭ (ନି.ପ୍ର): ନୀଳଗିରି ଜଗନ୍ନାଥମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଜଗନ୍ନାଥଙ୍କ ଭଜନ 'କୋଟିଏ ଟଙ୍କାର ଗାଡ଼ିରେ ଆସୁଛି କଳା ସାଆନ୍ତ' ଗୀତଟି ଉନ୍ମୋଚନ ହୋଇଯାଇଛି। ଏହି ଗୀତକୁ ଗାଇଛନ୍ତି ନୀଳଗିରି ଅଞ୍ଚଳର ଯୁବ ଗାୟକ ବିଷ୍ଣୁ ମୋହନ କବି । ପ୍ରଥମେ ଜଗନ୍ନାଥଙ୍କ ପ୍ରଧାନ, ପୂଜକ ଶ୍ରୀଯୁକ୍ତ ହରିବନ୍ଧୁ କରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଉନ୍ମୋଚନ ସମୟରେ ମୁଖ୍ୟଅତିଥି ଢେଙ୍କାନାଳ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ନୀଳଗିରି ମହିଳା ମହାବିଦ୍ୟାଳୟର ପ୍ରାଧାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଗଙ୍ଗାଧର ମିଶ୍ର, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଜଗନ୍ନାଥ ପାତ୍ର, ସମ୍ମାନିତ ଅତିଥି ଟୁନୁ ପଟ୍ଟନାୟକ ଉପସ୍ଥିତରହି କ୍ୟାସେଟ୍‌ଟିକୁ ଉନ୍ମୋଚନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସମସ୍ତ ଅତିଥି ନିଜନିଜର ଜଗନ୍ନାଥଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଗୀତକୁ ଲେଖିଛନ୍ତି ସୌମ୍ୟରଞ୍ଜନ ସାହୁ, ସଙ୍ଗୀତନିର୍ଦ୍ଦେଶନା ଦେଇଛନ୍ତି ପିଣ୍ଟୁ ଦାସ, ପ୍ରଯୋଜକ ଅଛନ୍ତି ସର୍ବେଶ୍ୱର ପାତ୍ର, ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇ ଥିଲେ ସତ୍ୟବ୍ରତ ପାଣ୍ଡିଆ ।

## ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜରେ ୯ ଉର୍ଦ୍ଧ୍ୱ ଛାତ୍ରୀ ଗୁରୁତର

ଖୋର୍ଦ୍ଧା, ୧୧/୭ (ନି.ପ୍ର): ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜରେ ୯ଉର୍ଦ୍ଧ ଛାତ୍ରୀ ଗୁରୁତର। ଅସୁସ୍ଥ ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଛାତ୍ରୀମାନେ ଅଭିଯୋଗ କରିଥିଲେ।ହେଲେ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଛାତ୍ରୀମାନେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇ ପଡିଥିବା ନେଇ ଅଭିଭାବକ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ କ୍ୟାଣ୍ଟିନ ମାଲିକ ଖାଦ୍ୟ ବିଷାକ୍ତ ଘଟଣାକୁ ଖଣ୍ଡନ କରିଛନ୍ତି। ସେହିପରି ଚିକିତ୍ସାରତ ଡାକ୍ତର ଏସିଡିଟି ନେଇ ଛାତ୍ରୀ ମାନେ ଅସୁସ୍ଥ ହୋଇ ଥିବା ନେଇ ସୂଚନା ଦେଇଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବୈଶିଙ୍ଗା, ୧୧/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀଯୁକ୍ତ ବଳରାମ ମହାନ୍ତ କୁଂ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ଶଚିନ୍ଦ୍ର ସାହୁ, ଘନଶ୍ୟାମ ରାଉତ,ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅତୁଳ କୁମାର ମିଶ୍ର, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ସତ୍ୟନାଥ ମହାନ୍ତ, ଉପେନ୍ଦ୍ର ମହାନ୍ତ, ବେତନଟୀ ବ୍ଲକ ଓଷ୍ଟା ସଂଘ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ରାସଗୋବିନ୍ଦପୁର ବ୍ଲକ ଓଷ୍ଟା ସଂଘ ସଂପାଦକ ବିବର୍ତ୍ତନ ସାହୁ, ଶିକ୍ଷକ ନିରଂଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ,ପୂରାତନ ଛାତ୍ର ସଂସଦ ସଭାପତି ରବିନ୍ଦ୍ର ମହାନ୍ତ ମଞ୍ଚାସୀନ ହୋଇ ସେବାନିବୃତ୍ତ କର୍ମୀ ବଳରାମ ମହାନ୍ତଙ୍କ କର୍ମମୟ ଜୀବନ ସମ୍ପର୍କ ରେ ଆଲୋକ ପାତ କରିଥିଲେ। ଜଣେ ନିର୍ଭୀକ, ଦକ୍ଷ ,କର୍ତ୍ତବ୍ୟ ପରାୟଣ ଓ ନିରଳସ କର୍ମୀଭାବରେ ଦୀର୍ଘ ୩୮ବର୍ଷ ନିରବଚ୍ଛିନ୍ନ ଭାବରେ ବିଦ୍ୟାଳୟ ରେ ସେବା ପ୍ରଦାନ କରି ସମସ୍ତଙ୍କ ଶ୍ରଦ୍ଧା ଭାଜନ ହୋଇ ପାରିଛନ୍ତି ବୋଲି ଉପସ୍ଥିତ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ର କର୍ମଚାରୀମାନଙ୍କ ପାଇଁ ସରକାର ଏଯାବତ ଅବସରକାଳୀନ ପେନସନ ପ୍ରଦାନ ବ୍ୟବସ୍ଥା କରି ନ ଥିବାରୁ ଅବସର ଗ୍ରହଣ ର ପରବର୍ତ୍ତି ଜୀବନ ଅତ୍ୟନ୍ତ ଦୁଖଦାୟକ। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଶ୍ରୀଯୁକ୍ତ ବଳରାମ ମହାନ୍ତ କୁଂ ଶାନ୍ତୋନାମୂଳକ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ପୂରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ପ୍ରସଂସା ପତ୍ର, ଶାଲ ଓ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ଦାସ ଙ୍କ ମଂଚ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବ ରେ ବିଦ୍ୟାଳୟର ଅଧ୍ୟୟନ ରତ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ଛାତ୍ରୀଙ୍କ ସମେତ ବହୁ ଅଭିଭାବକ ଯୋଗ ଦେଇ ସେବାନିବୃତ୍ତ ବଳରାମ ମହାନ୍ତ ଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ପୂରାତନ ଛାତ୍ର ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ ବିରାଟ ପଟୁଆର ରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରିୟ ବଳରାମ ମହାନ୍ତ ଙ୍କୁ ତାଙ୍କ ନିଜ ବାସ ଗୃହ କୁ ନେଇଥିଲେ।

## ସାମାଜିକ ସୁରକ୍ଷାରୁ ବଂଚିତ ଖଡ଼ିଆ ଜନଜାତିର ବିଧବା ମା' 'ଭାରତୀ'



ଉଦଳା , ୧୧/୭ (ନି.ପ୍ର): ଖୁଂଟା ବ୍ଲକର ଧାନଘେରା ପଂଚାୟତ ଅନ୍ତର୍ଗତ ଖଡ଼ିଆ ସାହି ଠାରେ ବସବାସ କରୁଥିବା ବିଧବା ମା' ଭାରତି ଭଗତ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇପାରି ନଥିବାର ଜଣାଇଛନ୍ତି । ସ୍ୱାମୀ ରାଜେନ୍ଦ୍ର ଦେହୁରୀଙ୍କର ଆଜକୁ ଗୋଟିଏ ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଥିବା ବେଳେ ବିଧବା ମା' ଭାରତି ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ ଭାରତି କରିଛନ୍ତି । ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ ମୟୂରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ଏହିସବୁ ଜନଜାତି ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଅଥଚ ଖଡ଼ିଆ ଜନଜାତିର ବିଧବା ମା' ଭାରତି ଗୋଟିଏ ବର୍ଷରୁ ଉର୍ଦ୍ଧ ସମୟ ଧରି ସାମାଜିକ ସୁରକ୍ଷାରୁ ବଂଚିତ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏଥିରୁ ଉଦଳାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକଳାପ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ପାଇଖାନା ଟାଙ୍କିରେ ପଡ଼ି ୨ଶ୍ରମିକ ମୃତ

ଭୁବନେଶ୍ୱର, ୧୧/୭ (ନି.ପ୍ର): ଭୁବନେଶ୍ୱର ବିଜେବି ନଗରରେ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ବିଜେବି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ନିର୍ମାଣାଧୀନ ପାଇଖାନା ଟାଙ୍କି ଭୁଷୁଡି ପଡିବାରୁ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା । ତେବେ ସେମାନଙ୍କର ମୃତ୍ୟୁ ଘଟିଛି।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ

ଖୋରଧା, ୧୧/୭ (ନି.ପ୍ର): ଖୋରଧା ରୋଟାରୀ କ୍ଲବ ଦ୍ୱାରା ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଆୟୋଜିତ ହୋଇଥିଲା । ଅପଥଲୋଜିଷ୍ଟ ଦେବବ୍ରତ ଶ୍ରୀଚନ୍ଦନ ୩୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ରୋଟାରୀ କ୍ଲବ ତରଫରୁ ଚଷମା ପ୍ରଦାନ କରାଯାଇଥିଲା। ଉଭୟ ଅନୁଷ୍ଠାନର ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର ଶିବିରକୁ ଉଦଘାଟନ କରି ପ୍ରକାଶ କରିଥିଲେ କି ରୋଟାରୀ କ୍ଲବ ଭୁବନେଶ୍ୱରସ୍ଥିତ ହସ୍ପିଟାଲରେ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ କରୁଛି ଏବଂ ଆଗ୍ରହୀ ବ୍ୟକ୍ତି ଏଥି ପାଇଁ ଖୋରଧା ରୋଟାରୀ କ୍ଲବ ସହିତ ଯୋଗାଯୋଗ କରନ୍ତୁ । ଚକ୍ଷୁ ଦାନ ଏକ ମହତ କାର୍ଯ୍ୟ । ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ମୃତ ବ୍ୟକ୍ତି ତାଙ୍କ ଚକ୍ଷୁ ମାଧ୍ୟମରେ ଅନ୍ୟ ଜଣଙ୍କୁ ବିଶ୍ୱ ଦେଖାଇଥାନ୍ତି ଏବଂ ନିଜେ ଆଉ କିଛି ବର୍ଷ ବଞ୍ଚି ରହିଥାନ୍ତି । ଚକ୍ଷୁ ଦାନ ପାଇଁ ଖୋରଧା ରୋଟାରୀ କ୍ଲବ ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଉଦ୍ୟମରେ ଆସନ୍ତା ମାସରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଫଳ ସ୍ୱରୂପ ଶହ ଶହ ସଂଖ୍ୟାରେ ଦୃଷ୍ଟି ଶକ୍ତିରୁ ବଞ୍ଚିତ ବ୍ୟକ୍ତି ଉପକୃତ ହୁଅନ୍ତେ । ମଞ୍ଚର ଉପସଭାପତି ରତ୍ନାକର ରଣସିଂହ, ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଖୋରଧା ରୋଟାରୀ କ୍ଲବର ସଭାପତି ସଞ୍ଜୟ ବର୍ମନ, ସମ୍ପାଦିକା ଶୁଚିସ୍ମିତା ପରିଜା, ଖୋରଧା ପୌର ପରିଷଦ ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟା ନିରୁପମା ମିତ୍ର ଏବଂ ମଞ୍ଚର କର୍ମକର୍ତ୍ତା ଶିବିରରେ ଯୋଗ ଦେଇଥିଲେ। ମଞ୍ଚର ସହ ସମ୍ପାଦକ କ୍ଷେତ୍ରବାସୀ ସାହୁ, ନବୀନ ସମାନ୍ତସିଂହାର, ଗଦାଧର ଗୋଛିଙ୍କ ସହିତ ରତିକାନ୍ତ ପଟ୍ଟନାୟକ, ମାୟାଧର ପ୍ରଧାନ, ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଶୃଙ୍ଖଳିତ ଭାବେ ଶିବିର ପରିଚାଳନା କରିଥିଲେ ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ




ବାଲେଶ୍ୱର, ୧୧/୭ (ନି.ପ୍ର): ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷବସ୍ତୁ - 'ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ '। ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ସହରାଞ୍ଚଳର ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପିଲା ଜନ୍ମ ମଧ୍ୟରେ ବ୍ୟବଧାନ ରଖିବା ଅତ୍ୟନ୍ତ ଜରୁରୀ, ଫଳରେ ଉଭୟ ମା ଏବଂ ଶିଶୁ ସୁରକ୍ଷିତ ରହିବେ। ଏଥି ପାଇଁ ଉପଲବ୍ଧ ଅସ୍ଥାୟୀ ପଦ୍ଧତି ଯଥା ଅନ୍ତରା, କଣ୍ଡମ, ମାଲା ଏନ ବଟିକା,କପର ଟି, ଇଜି ପିଲ ଇତ୍ୟାଦି ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ। ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ଏହି ଅଭିଯାନ ଜୁଲାଇ ୧୧ ରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମଧ୍ୟରେ ଯେଉଁ ସ୍ୱାମୀ ଏବଂ ସ୍ତ୍ରୀ ଙ୍କର ପରିବାର ସମ୍ପୂର୍ଣ୍ଣ ହୋଇ ସାରିଥିବା ସେମାନଙ୍କୁ ସ୍ଥାୟୀ ପଦ୍ଧତି ଯଥା ପୁରୁଷ ବନ୍ଧ୍ୟା କରଣ ଏବଂ ମହିଳା ବନ୍ଧ୍ୟାକରଣ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ଡାକ୍ତର ସଂଜୀବ ପ୍ରଧାନ ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁ କୁ ରୋକିବା ନିମନ୍ତେ ସ୍ଥାୟୀ ଏବଂ ଅସ୍ଥାୟୀ ପଦ୍ଧତି ଉପରେ ଲୋକଙ୍କୁ ସଚେତନତା କରିବା ଉପରେ ଆଲୋକ ପାତ କରିଥିଲେ। ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ି ଏମ ଆର ସି ଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନୀ କାର୍ଯ୍ୟରେ ଅସହଯୋଗ: ବିଏଲଓ ନିଲମ୍ବିତ

ଭଦ୍ରକ, ୧୧/୭ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟରେ ଗୁରୁତର ଅବହେଳା , କର୍ତ୍ତବ୍ୟରେ ଅସହଯୋଗ ଓ ନିର୍ବାଚନୀ ପ୍ରକ୍ରିୟାରେ ବାଧା ସୃଷ୍ଟି ଅଭିଯୋଗରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସହକାରୀ ଶିକ୍ଷକ ସପନ କୁମାର ନାୟକଙ୍କୁ ତତ୍କାଳ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ।ଶ୍ରୀ ନାୟକ ପିଏସଏସ୍ ନୋଡାଲ ହାଇସ୍କୁଲ, ଚନ୍ଦ୍ରକାଟବିନ୍ଧାର ସହକାରୀ ଶିକ୍ଷକ ହୋଇଥିବାବେଳେ ନବଗଠିତ ବୁଥ୍ ନଂ-୨୯, ମାଲପୁର, ୪୭-ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ନିୟୋଜିତ ଥିଲେ। ଏସଆଇଆର-୨୦୨୬ କାର୍ଯ୍ୟ ସଫଳ ଭାବେ ସମ୍ପାଦନ ପାଇଁ ବିଏଲଓମାନଙ୍କର ERONET ପ୍ଲାଟଫର୍ମରେ ପଞ୍ଜୀକରଣ ଓ ବିଏଲଓ ଆପ୍ ସକ୍ରିୟ କରିବା ଆବଶ୍ୟକ ଥିବାବେଳେ ସେ ଏଥିପାଇଁ ଆବଶ୍ୟକ EPIC ବିବରଣୀ ଓ ଓଟିପି ପ୍ରଦାନ କରିନଥିଲେ ।ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଶ୍ରୀ ନାୟକ ସହଯୋଗ କରିନଥିଲେ। ଏପରିକି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ ସେ ଆବଶ୍ୟକ ତଥ୍ୟ ଉପଲବ୍ଧ କରାଇନଥିଲେ। ଫଳରେ ବିଏଲଓ ଆପ୍ ପରିଚୟପତ୍ର ସୃଷ୍ଟି ଓ ଏସଆଇଆର-୨୦୨୬ର ବୈଧ ନିର୍ବାଚନୀ ପ୍ରକ୍ରିୟା ଗୁରୁତର ଭାବେ ବ୍ୟାହତ ହୋଇଥିବା ଅଭିଯୋଗ ହୋଇଥିଲା ନିଲମ୍ବନ ଅବଧିରେ ଶ୍ରୀ ନାୟକଙ୍କ ମୁଖ୍ୟାଳୟ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ରହିବ ଏବଂ ସେ କୌଣସି ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ ନିର୍ବାଚନୀ କାର୍ଯ୍ୟରେ ଅବହେଳା ଓ ଅସହଯୋଗକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ।

## ମହାନଦୀ ବିବାଦର ସାମଧାନ ପାଇଁ ଦୁଇ ରାଜ୍ୟ ସହମତି ଦେଇଛନ୍ତି : ପୀତାମ୍ବର ଆଚାର୍ଯ୍ୟ

ଭୁବନେଶ୍ୱର, ୧୧/୭ (ନି.ପ୍ର): ଖୁବଶୀଘ୍ର ହୋଇପାରେ ମହାନଦୀ ଜଳ ବିବାଦ ମାମଲାର ସମାଧାନ। ମହାନଦୀ ବିବାଦର ସାମଧାନ ପାଇଁ ଦୁଇ ରାଜ୍ୟର ସହମତି ଦେଇଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ମାମଲାର ସମାଧାନ ପାଇଁ ଓଡିଶା ସରକାର ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୋହର ମାରିଛି। ଏନେଇ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ ଛତିଶଗଡ଼ ସରକାର ସ୍ପଷ୍ଟ କରିଛନ୍ତି। ସହମତି ଆଧାରରେ ଟ୍ରିବ୍ୟୁନାଲ ଛତିଶଗଡ଼ ଠାରୁ ଲିଖିତ ପ୍ରତିଶ୍ରୁତି ମାଗିଛନ୍ତି।

## ବସ୍ତା ବିଧାୟିକାଙ୍କ ହାତପାଣ୍ଠିରୁ ଭିନ୍ନକ୍ଷମମାନଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ



ବାଲିଆପାଳ , ୧୧/୭ (ନି.ପ୍ର): ବସ୍ତା ବିଧାୟିକା ସୁବାସିନୀ ଜେନା ଆଜି ତାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ଦୁଇ ବର୍ଷ ପୂର୍ତ୍ତି ସମାରୋହ ପାଳନ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବସ୍ତା ଏବଂ ବାଲିଆପାଳ ବ୍ଲକର ୪୨ ଜଣ ଭିନ୍ନକ୍ଷମଙ୍କୁ ବିଧାୟିକା ନିଜ ହାତପାଣ୍ଠିରୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଛନ୍ତି। ବାଲିଆପାଳ ବ୍ଲକର ୩୧ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ଯୋଗାଇ ଦେଇଥିବା ବେଳେ ବସ୍ତା ବ୍ଲକର ୧୧ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଧାୟିକା ଜେନା କହିଥିଲେ ଯେ ବିଗତ ଦିନରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ତାଙ୍କ କାର୍ଯ୍ୟକାଳରେ ଏହିପରି ଭିନ୍ନକ୍ଷମ ମାନଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ ତେଣେ ସେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ସେବା କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ବସ୍ତା ବିଡିଓ ମିହିର ରଞ୍ଜନ ବେହେରା, ବସ୍ତା ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଞ୍ଜଳି ଦାସ,ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷା ସୁନୀତା ବେହେରାଙ୍କ ସମେତ ଦୁଇ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଜନଜାଗୃତି ମଂଚର ପୋଷ୍ଟ କାର୍ଡ଼ ଅଭିଯାନ: ଖେଳାଇ ଦେଇଛି ନୂଆ ଉତ୍ସାହ

ଉଦଳା, ୧୧/୭ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ବିଭିନ୍ନ ହାଟ ମାନଙ୍କରେ ପୋଷ୍ଟ କାର୍ଡ଼ ଅଭିଯାନ ପାଇଁ ସ୍ୱତନ୍ତ୍ର ଆସରର ପର୍ବ ଆୟୋଜିତ ହେଉଛି । ଜମି ପଡ଼ିଆ ନପକାଇ ବର୍ଷସାରା ଚାଷ କରିବା ପାଇଁ ଚାଷି ଭାଇ ଭଉଣୀ ମାନଙ୍କୁ ଉତ୍ସାହିତ କରାଯାଉଥିବା ବେଳେ ଆଗାମି ରବି ଫସଲ ପାଇଁ ଆଗୁଆ ବିହନ ଯୋଗାଇ ଦେବାକୁ ଚିଠି ଲେଖି ସରକାରଙ୍କୁ ଅନୁରୋଧ ଜଣାଯାଉଛି । ଏଭଳି ଏକ ଉଦ୍ୟମ ଲୋକଙ୍କ ମଧ୍ୟରେ ଭିନ୍ନସ୍ୱାଦର ଉତ୍ସାହ ଖେଳାଇ ଦେଇଛି । ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଏହାର ନେତୃତ୍ୱ ନେଉଥିବା ବେଳେ ରୁପାଏ, ହରିପ୍ରିୟା, ଆରତି, ନିରୁପମା, ଅଭିଲିପ୍ସା, ଗୌତମ, ସୁଦର୍ଶନ, କପାଳ, କୈଳାଶ, କାରୁକର, ରାମାୟ, ରାମଚନ୍ଦ୍ର, ମଂଜୁଲତା, ସସ୍ମିତା, ଅବନ୍ତି, ମନାଲି, ଭାରତି, ସୀମା ଓ ରବିନ୍ଦ୍ର ପ୍ରମୁଖ ସହଯୋଗ କରୁଛନ୍ତି । ଚାଷୀ ଭାଇ ଭଉଣୀ ମାନଙ୍କ ଉଦେଶ୍ୟରେ ଚାଲୁଥିବା ଏହି ଅଭିଯାନକୁ 'ପଡ଼ିଆରୁ ବଢ଼ିଆ' ବୋଲି କୁହାଯାଉଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida